# ମଜା ମଜାରେ ଗଣିତ

## ଦ୍ୱିତୀୟ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର



ମୋ ନାମ:.................................................................................

ମୋ ବାପାଙ୍କ ନାମ :......................................................................

ମୋ ମା'ଙ୍କ ନାମ :........................................................................

ମୋ ବିଦ୍ୟାଳୟର ନାମ:...........................................................

ମୋ ଶ୍ରେଣୀ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ନାମ :

......................................................................................................

ମୋ ଗାଁ / ସାହିର ନାମ : ...................................................................



# ମଜା ମଜାରେ ଗଣିତ

## ଦ୍ୱିତୀୟ ଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

# ମଜା ମଜାରେ ଗଣିତ

## ଦ୍ୱିତୀୟ ଶ୍ରେଣୀ

**ପରୀକ୍ଷାମୂଳକ ସଂସ୍କରଣ**

୨୦୨୬

**ସମ୍ପାଦକ ମଣ୍ଡଳୀ :**

ଶ୍ରୀ ଗୌରୀଶଙ୍କର ମିଶ୍ର

ଶ୍ରୀ ସନ୍ତୋଷ କୁମାର ପରିଡ଼ା

ଶ୍ରୀ ସ୍ୱାଧୀନ କୁମାର ପ୍ରଧାନ

ଲିପିକା ସାହୁ

**ସମୀକ୍ଷକ ମଣ୍ଡଳୀ :**

ଡ. ବାମଦେବ ତ୍ରିପାଠୀ

ଶ୍ରୀ ରବିନ କୁମାର ଶତପଥୀ

ଲିପିକା ସାହୁ

**ସଂଯୋଜନା :**

ଲିପିକା ସାହୁ

ଡ. ସବିତା ସାହୁ

**ବିଷୟ ବିଶେଷଜ୍ଞ :**

ଡ. ନୀଳାମ୍ବର ବିଶ୍ୱାଳ

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି : ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର**

**ଡିଟିପି ଓ ଡିଜାଇନ୍ : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର**

**ମୁଦ୍ରଣ : ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର**

# ପ୍ରସ୍ତାବନା

ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ସାଧନ କରିବା । ଆମ ଦେଶରେ ପିଲାମାନଙ୍କ ଯତ୍ନ ଓ ଶିକ୍ଷା ପାଇଁ ପରିବାର, ଗାଁ, ଗୋଷ୍ଠୀ ଓ ବିଦ୍ୟାଳୟର ଯଥେଷ୍ଟ ଭୂମିକା ରହିଛି । ପ୍ରତ୍ୟେକ ପିଲାର ଜୀବନରେ ତା'ର ପ୍ରଥମ ଆଠ ବର୍ଷ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ସେ ତା'ର ପରିବାରରୁ ଯାହା ସବୁ ଶିଖିଥାଏ, ତାହା ପରବର୍ତ୍ତୀ ସମୟରେ ତା'ର ବୃଦ୍ଧି, ସ୍ୱାସ୍ଥ୍ୟ, ଆଚରଣ ଏବଂ ବୌଦ୍ଧିକ ଦକ୍ଷତା ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ ।

ପିଲାଟିର ଜୀବନବ୍ୟାପୀ ବିକାଶରେ ପ୍ରାରମ୍ଭିକ ବର୍ଷଗୁଡ଼ିକର ଗୁରୁତ୍ୱକୁ ବିଚାର କରି, ଜାତୀୟ ଶିକ୍ଷାନୀତି ୨୦୨୦ରେ ୩ ରୁ ୮ ବର୍ଷ ବୟସର ପିଲାମାନଙ୍କର ଶିକ୍ଷାର ଗୁଣାତ୍ମକତାକୁ ଯଥେଷ୍ଟ ଧ୍ୟାନ ଦିଆଯାଇଛି । ମୌଳିକ ପର୍ଯ୍ୟାୟ (ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ)ରେ ପିଲାଟି ଆହରଣ କରୁଥିବା ସମସ୍ତ ଅଭିଜ୍ଞତା ତା'ର ଶିକ୍ଷା, ସାମାଜିକ ଓ ଆବେଗିକ ଆଚରଣ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ । ଜାତୀୟ ଶିକ୍ଷାନୀତିରେ ପ୍ରଦତ୍ତ ନୀତି ଓ ମୂଳ ଧାରଣାଗୁଡ଼ିକର ଆଧାରରେ ଏନସିଏଫ-ଏଫଏସ ୨୦୨୨ (ମୌଳିକ ପର୍ଯ୍ୟାୟ ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ) ପ୍ରକାଶ ପାଇଛି । ପରବର୍ତ୍ତୀ ସମୟରେ, ଏନସିଇଆରଟି, ନୂଆଦିଲ୍ଲୀ ଦ୍ୱାରା ଏନସିଏଫ-ଏଫଏସ ୨୦୨୨ର ସୁପାରିଶ ଅନୁଯାୟୀ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି । ପାଠ୍ୟପୁସ୍ତକଗୁଡ଼ିକରେ ଶ୍ରେଣୀଗୃହର ଶିକ୍ଷାକୁ ପିଲାମାନଙ୍କର ବାସ୍ତବ ଜୀବନ ସହିତ ସଂଯୋଗ କରିବାକୁ ଚେଷ୍ଟା କରାଯାଇଛି ।

ଏନସିଏଫ-ଏଫଏସ ୨୦୨୨ରେ ପଞ୍ଚକୋଷୀୟ ବିକାଶ (ମାନବ ବ୍ୟକ୍ତିତ୍ୱର ପାଞ୍ଚଟି ଆବରଣର ବିକାଶ-ଯଥା ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଏବଂ ଆନନ୍ଦମୟ କୋଷ)କୁ ଗୁରୁତ୍ୱ ଦିଆଯାଇଛି, ଏଥିସହିତ ଶିକ୍ଷଣର ପାଞ୍ଚଟି କ୍ଷେତ୍ର, ଯଥା, ଶାରୀରିକ, ସାମାଜିକ-ଆବେଗିକ, ବୌଦ୍ଧିକ, ଭାଷା ଓ ସାକ୍ଷରତା ଏବଂ ସାଂସ୍କୃତିକ ଓ ସୌନ୍ଦର୍ଯ୍ୟବୋଧ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ଏନସିଏଫ-ଏଫଏସ ୨୦୨୨ ଓ ଏନସିଏଫ-ଏସଇ ୨୦୨୩କୁ ଭିତ୍ତି କରି ଆମ ରାଜ୍ୟରେ ବିଦ୍ୟାଳୟ ଶିକ୍ଷା ପାଇଁ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ପ୍ରସ୍ତୁତ କରାଯାଇଛି ।

ଏନସିଏଫ-ଏଫଏସ ୨୦୨୨ ରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଶିକ୍ଷାଦାନ-ଶିକ୍ଷଣ ପାଇଁ କ୍ରୀଡ଼ାଭିତ୍ତିକ ପଦ୍ଧତି ବ୍ୟବହାର କରିବାକୁ ଉଲ୍ଲେଖ କରାଯାଇଛି । ଏଥିନିମନ୍ତେ ପାଠ୍ୟପୁସ୍ତକରେ ଭିନ୍ନ ଭିନ୍ନ ପ୍ରକାର କାର୍ଯ୍ୟ ଯେପରି ଖେଳ, ଆଲୋଚନା, ଚିତ୍ର ଅଙ୍କନ, ନାଟକ ଅଭିନୟ, ଗପ ଶୁଣିବା ଆଦି

ମାଧ୍ୟମରେ ପିଲାମାନଙ୍କର ଦକ୍ଷତାକୁ ବିକାଶ କରିବାର ସୁଯୋଗ ରହିଛି । ଆମ ରାଜ୍ୟରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨ ୦ ୨ ୫ ଅନୁଯାୟୀ ନୂତନ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି ।

ଏନସିଇଆରଟି, ନୂଆଦିଲ୍ଲୀ ଦ୍ୱାରା ପ୍ରସ୍ତୁତ ପାଠ୍ୟପୁସ୍ତକଗୁଡିକୁ ଆମ ରାଜ୍ୟରେ ଓଡ଼ିଆ ଭାଷାରେ ଅନୁବାଦ କରିବା ସାଙ୍ଗକୁ ଏଥିରେ ଥିବା ଉଦାହାରଣଗୁଡ଼ିକୁ ସ୍ଥାନୀୟ ପରିବେଶ ସହିତ ଯୋଡ଼ାଯାଇଛି । ଏଥିସହିତ ରାଜ୍ୟର ଭାଷା, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭୌଗୋଳିକ ସ୍ଥିତି ଆଦି ଦୃଷ୍ଟିରୁ ମଧ୍ୟ ପ୍ରାସଙ୍ଗିକ କରାଯାଇଛି । ପାଠ୍ୟପୁସ୍ତକକୁ ଦକ୍ଷତାଭିତ୍ତିକ କରାଯିବା ସହିତ ପିଲାମାନଙ୍କ ପାଇଁ ସରଳ ଓ ଆକର୍ଷଣୀୟ କରିବାକୁ ଚେଷ୍ଟା କରାଯାଇଛି । ପିଲାମାନଙ୍କର ସ୍ଥାନୀୟ ପରମ୍ପରା, ସଂସ୍କୃତି, ପର୍ବପର୍ବାଣି, ଖାଦ୍ୟ, ନଦୀ, ପର୍ବତ, ଗଛ, ଲତା ଆଦି ପୁସ୍ତକଗୁଡ଼ିକରେ ପ୍ରତିଫଳିତ ହୋଇଛି । ଏହା ନିଶ୍ଚିତ ଭାବରେ ପିଲାମାନଙ୍କ ପାଇଁ ଆକର୍ଷଣୀୟ ଏବଂ ଆନନ୍ଦଦାୟକ ହେବ । ପିଲାମାନଙ୍କ ଚିନ୍ତନ ଦକ୍ଷତା ଓ ଜିଜ୍ଞାସୁ ମନୋଭାବର ବିକାଶ ପାଇଁ ପାଠ୍ୟପୁସ୍ତକରେ ଅନେକ କାର୍ଯ୍ୟ ଦିଆଯାଇଛି । ଏଥିସହିତ ପିଲାମାନେ ପାଠ୍ୟପୁସ୍ତକରେ ଥିବା ଦକ୍ଷତାଗୁଡ଼ିକ ହାସଲ କରିପାରିଲେ କି ନାହିଁ ଜାଣିବା ପାଇଁ ପ୍ରତ୍ୟେକ ପାଠରେ ଅଭ୍ୟାସ କାର୍ଯ୍ୟ ସ୍ଥାନିତ ହୋଇଛି ।

ନୂତନ ପାଠ୍ୟପୁସ୍ତକଗୁଡ଼ିକୁ ପ୍ରସ୍ତୁତ କରିଥିବା ଏନସିଇଆରଟି, ନୂଆଦିଲ୍ଲୀର ସମସ୍ତ ଶିକ୍ଷାବିତଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜଣାଉଛି । ଏଥିସହିତ ଆମ ରାଜ୍ୟରେ ପାଠ୍ୟପୁସ୍ତକଗୁଡ଼ିକୁ ଅନୁବାଦ ଓ ପ୍ରାସଙ୍ଗିକ କରିଥିବା ଶିକ୍ଷାବିତ, ବିଷୟ ବିଶେଷଜ୍ଞ, ଚିତ୍ରକର ଓ ଭାଷାବିତମାନଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି । ଖୁବ କମ୍ ସମୟ ମଧ୍ୟରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି । ଆମ ରାଜ୍ୟର ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହିତ ପିଲାମାନେ ଖୁସିରେ ଶିଖିବା ପାଇଁ ଏହି ପାଠ୍ୟପୁସ୍ତକ ନିଶ୍ଚିତ ସାହାଯ୍ୟ କରିବ ବୋଲି ଆଶା କରୁଛି । ପରୀକ୍ଷାମୂଳକ ଭାବରେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । ଏହି ପାଠ୍ୟପୁସ୍ତକକୁ ଆହୁରି ସମୃଦ୍ଧ କରିବା ପାଇଁ ମୁଁ ଆପଣମାନଙ୍କ ମତାମତ ଏବଂ ପରାମର୍ଶକୁ ଅପେକ୍ଷା କରିବି ।

**ନିର୍ଦ୍ଦେଶକ**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ

ଓଡ଼ିଶା, ଭୁବନେଶ୍ୱର

# ପୁସ୍ତକ ବିଷୟରେ

ଜାତୀୟ ଶିକ୍ଷାନୀତି ୨୦୨୦, ପ୍ରାରମ୍ଭିକ ବିକାଶମୂଳକ ବୟସ (୩-୮ ବର୍ଷ) ରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦେବା ସହିତ ପିଲାମାନଙ୍କ ପାଇଁ ଶିକ୍ଷାର ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବାର ଲକ୍ଷ୍ୟ ରଖିଛି । ପିଲାମାନଙ୍କ ସାମଗ୍ରିକ ବିକାଶ ପାଇଁ ଶିକ୍ଷାନୀତିର ଦୃଷ୍ଟିକୋଣକୁ ଆଧାର କରି, ମୌଳିକ ପର୍ଯ୍ୟାୟ ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୨ରେ (ଏନସିଏଫ-ଏଫଏସ ୨୦୨୨) ପାଠ୍ୟକ୍ରମର ଲକ୍ଷ୍ୟ, ଦକ୍ଷତା ଏବଂ ଶିକ୍ଷଣ ଫଳାଫଳକୁ ଶାରୀରିକ, ସାମାଜିକ-ଆବେଗିକ-ନୈତିକ, ଜ୍ଞାନାତ୍ମକ, ଭାଷା ଓ ସାକ୍ଷରତା, ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ଏବଂ ସକାରାତ୍ମକ ଶିକ୍ଷଣ ଅଭ୍ୟାସ ଭଳି ବିକାଶମୂଳକ କ୍ଷେତ୍ର ସହିତ ଯୋଡ଼ିବା ପାଇଁ ସୁପାରିଶ କରାଯାଇଛି। ଏହାର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ, ଏନସିଇଆରଟି ଦ୍ୱାରା ପ୍ରସ୍ତୁତ ମୌଳିକ ପର୍ଯ୍ୟାୟ ପାଇଁ ପାଠ୍ୟକ୍ରମରେ ଜ୍ଞାନାତ୍ମକ କ୍ଷେତ୍ର ଅଧୀନରେ ସଂଖ୍ୟାଜ୍ଞାନକୁ ଅନ୍ତର୍ଭୁକ୍ତ କରାଯାଇଛି । ପାଠ୍ୟପୁସ୍ତକ ସହିତ ଶିକ୍ଷଣ-ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି କରିବା ସମୟରେ ଅନ୍ୟ ସମସ୍ତ କ୍ଷେତ୍ରର ସମନ୍ୱୟ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି ।

ଜାତୀୟ ଶିକ୍ଷାନୀତି ୨୦୨୦, ଏନସିଏଫ-ଏଫଏସ ୨୦୨୨ ଓ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ର ସୁପାରିଶକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଶ୍ରେଣୀ ପାଇଁ 'ମଜା ମଜାରେ ଗଣିତ' ନାମକ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି। ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପିଲାଙ୍କର ଶିଶୁବାଟିକା ୧ ରୁ ୩ ଏବଂ ପ୍ରଥମ ଶ୍ରେଣୀର ଅଭିଜ୍ଞତା ରହିବା କଥା, କିନ୍ତୁ ଆମ ଦେଶର ବିବିଧତାକୁ ଦୃଷ୍ଟିରେ ରଖି, ଏମିତି କିଛି ପିଲା ମଧ୍ୟ ଥାଇପାରନ୍ତି ଯେଉଁମାନେ କେବଳ ପ୍ରଥମ ଶ୍ରେଣୀରେ ହିଁ ଗଣିତ ସମ୍ପର୍କିତ ଧାରଣା ପାଇଥାନ୍ତି । ଏହି ପାଠ୍ୟପୁସ୍ତକରେ ଏଭଳି ପରିସ୍ଥିତିକୁ ମଧ୍ୟ ଧ୍ୟାନ ଦିଆଯାଇଛି।

ଏହି ପର୍ଯ୍ୟାୟରେ ପିଲାମାନେ ଖେଳିବାକୁ ଭଲ ପାଆନ୍ତି । ତେଣୁ, ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ଖେଳିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହୋଇଛି, ଫଳରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ଗାଣିତିକ ଧାରଣାର ବିକାଶ କରାଯାଇପାରିବ ଯେପରି ସ୍ଥାନିକ ବୋଧ, ସଂଖ୍ୟା ପରିଚାଳନା, ଗାଣିତିକ ଚିନ୍ତାଧାରା ଇତ୍ୟାଦି। ପ୍ରତ୍ୟେକ ନୂତନ ଧାରଣା କିମ୍ବା ଦକ୍ଷତା ହାସଲ ପାଇଁ ଏହା ପିଲାଙ୍କୁ ବାସ୍ତବରୁ ଚିତ୍ରିତ ଉପସ୍ଥାପନା ଏବଂ ଅମୂର୍ତ୍ତ ଆଡ଼କୁ ନେବାରେ ସାହାଯ୍ୟ କରିବ ।

ଦ୍ୱିତୀୟ ଶ୍ରେଣୀ ଗଣିତ ପୁସ୍ତକ "ମଜା ମଜାରେ ଗଣିତ"ରେ ଅନେକ ପ୍ରକାର କାର୍ଯ୍ୟ କରିବାକୁ ଦିଆଯାଇଛି । ସାମଗ୍ରିକ ବିକାଶ ପାଇଁ ଅନୁଭୂତି ମୂଳକ ଶିକ୍ଷଣ ମାଧ୍ୟମରେ ଏହିସବୁ କାର୍ଯ୍ୟକୁ ଶ୍ରେଣୀଗୃହ ଭିତରେ ଏବଂ ବାହାରେ ପରିଚାଳନା କରାଯିବ ବୋଲି ଆଶା କରାଯାଏ । ସମସ୍ତ ପାଠରେ, ଖେଳ ଆଧାରିତ କାର୍ଯ୍ୟ ମାଧ୍ୟମରେ ଗାଣିତିକ

ଧାରଣାକୁ ହାସଲ କରାଯିବ । ଏହି ପାଠ୍ୟପୁସ୍ତକ ମାଧ୍ୟମରେ ପିଲାମାନେ ଖେଳୁଛନ୍ତି ଏବଂ ଖେଳରୁ ଗଣିତ ଶିଖୁଛନ୍ତି ବୋଲି ଏକ ଧାରଣା ସୃଷ୍ଟି କରିବାକୁ ଚେଷ୍ଟା କରାଯାଇଛି ।

ଯେହେତୁ ଗଣିତ ଶିକ୍ଷଣ ପୃଥକ ଭାବରେ ହୁଏ ନାହିଁ, ତେଣୁ ଭାଷା ଶିକ୍ଷଣ ଏବଂ ବୟସ-ଉପଯୁକ୍ତ ଶାରୀରିକ ଏବଂ ମାନସିକ ବିକାଶକୁ ପୁସ୍ତକ ସହିତ ସମନ୍ୱିତ କରାଯାଇଛି । ଏହି ପୁସ୍ତକରେ ପିତାମାତା, ଶିକ୍ଷକ କିମ୍ବା ବଡ଼ ଭାଇଭଉଣୀଙ୍କ ପରି ଅନ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିନ୍ତା ଉଦ୍ରେକକାରୀ ପ୍ରଶ୍ନ, କାହାଣୀ, କବିତା ଆଦି ମାଧ୍ୟମରେ ପିଲାମାନଙ୍କ ସହିତ ସୁସ୍ଥ ଆଲୋଚନା କରିବା ପାଇଁ ପରାମର୍ଶ ଦିଆଯାଇଛି ।

ଏହି ପର୍ଯ୍ୟାୟରେ ପିଲାମାନଙ୍କ ମଧ୍ୟରେ ଶବ୍ଦ ପଢ଼ିବାର ପାର୍ଥକ୍ୟ କ୍ଷମତାକୁ ଦୃଷ୍ଟିରେ ରଖି ଆତ୍ମ-ବ୍ୟାଖ୍ୟାତ୍ମକ ଏବଂ ପ୍ରାସଙ୍ଗିକ ଚିତ୍ର ମାଧ୍ୟମରେ ବିଭିନ୍ନ ଗାଣିତିକ ଧାରଣା ଉପସ୍ଥାପନ କରାଯାଇଛି । ଅଧିକନ୍ତୁ, ଏହି ଚିତ୍ର ମଧ୍ୟ ପିଲାମାନଙ୍କୁ ସେମାନଙ୍କର ଦୃଶ୍ୟ ଏବଂ ପଠନ ବୋଧଗମ୍ୟତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ ।

ଏହି ପୁସ୍ତକକୁ ପାଠ୍ୟପୁସ୍ତକ ତଥା କାର୍ଯ୍ୟପୁସ୍ତିକା ଭାବେ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ପିଲାମାନଙ୍କ ପାଇଁ ଚିତ୍ର ଅଙ୍କନ, ସେଗୁଡ଼ିକୁ ରଙ୍ଗ ଦେବା ଏବଂ ଉପଯୁକ୍ତ ଭାବେ ଲେଖିବା ପାଇଁ ସୁଯୋଗ ରହିଛି । ପିଲାମାନଙ୍କ ସହିତ ମୌଖିକ ଆଲୋଚନାକୁ ସମସ୍ତ ପାଠରେ ଅନ୍ତର୍ଭୁକ୍ତ କରାଯାଇଛି ଯାହା ସେମାନଙ୍କ ଚିନ୍ତାଧାରାକୁ ପ୍ରକାଶ କରିବାରେ ସାହାଯ୍ୟ କରିବ । ଏହାଦ୍ୱାରା ଶିକ୍ଷକମାନଙ୍କୁ ନିରନ୍ତର ଭାବେ ଭୟଶୂନ୍ୟ ଢଙ୍ଗରେ ଶିକ୍ଷଣର ମୂଲ୍ୟାୟନ କରିବାରେ ମଧ୍ୟ ସହାୟତା ମିଳିବ । ପ୍ରଶ୍ନ ଏବଂ କାର୍ଯ୍ୟ ରୂପରେ ଚିନ୍ତା ଉଦ୍ରେକକାରୀ ଅଭ୍ୟାସ କାର୍ଯ୍ୟ ଏହି ପାଠ୍ୟପୁସ୍ତକରେ ଦିଆଯାଇଛି । ଏହା ମଧ୍ୟ ଆଶା କରାଯାଏ ଯେ ଶିକ୍ଷକ ଏବଂ ପିତାମାତା ସମାନ ପ୍ରକାର ପ୍ରଶ୍ନ ପ୍ରସ୍ତୁତ କରିବେ ଯାହାଦ୍ୱାରା ପିଲାମାନେ ଅଧିକ ଦକ୍ଷତା ହାସଲ କରିବା ପାଇଁ ଅଭ୍ୟାସ କରିପାରିବେ । ପାଠ୍ୟପୁସ୍ତକର ଅଭିନବ ବ୍ୟବହାର ପିତାମାତା ଓ ଶିକ୍ଷକମାନଙ୍କ ଉପରେ ନିର୍ଭର କରେ ଏବଂ ଏହା ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କ ମଧ୍ୟରେ ଗଣିତର ଆନନ୍ଦଦାୟକ ଶିକ୍ଷାକୁ ନିଶ୍ଚିତ କରିବ ।

ଏହି ପୁସ୍ତକ ପିଲାମାନଙ୍କ ମଧ୍ୟରେ ଯୁକ୍ତିଯୁକ୍ତ ଚିନ୍ତାଧାରା, ବିଶ୍ଳେଷଣାତ୍ମକ କୌଶଳ, ଗାଣିତିକ ଭାବବିନିମୟ ଏବଂ ଏକବିଂଶ ଶତାବ୍ଦୀର କୌଶଳ ହାସଲକୁ ଗୁରୁତ୍ୱ ଦେବା ସହିତ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ, ଅନୁସନ୍ଧାନ ଏବଂ ଆଲୋଚନା ଆଦି ଦକ୍ଷତାର ବିକାଶ କରିବ ବୋଲି ଆଶା କରାଯାଏ । ପାଠଗୁଡ଼ିକରେ ଗାଣିତିକ ଦକ୍ଷତା ହାସଲ ପାଇଁ ଧାରଣାଗୁଡ଼ିକୁ ବୁଝିବା, ପ୍ରକ୍ରିୟାତ୍ମକ ଦକ୍ଷତା, ଅନୁକୂଳ ତାର୍କିକ ଚିନ୍ତନ ଏବଂ ଗଣିତ ପ୍ରତି ସକାରାତ୍ମକ ଦୃଷ୍ଟିକୋଣକୁ ଅନ୍ତର୍ଭୁକ୍ତ କରାଯାଇଛି ।

ଦ୍ୱିତୀୟ ଶ୍ରେଣୀ ପାଇଁ "ମଜା ମଜାରେ ଗଣିତ" ର ବିଷୟବସ୍ତୁ ଏନସିଏଫ-ଏଫଏସ ୨୦୨୨ରେ ଉଲ୍ଲେଖ କରାଯାଇଥିବା ଚାରୋଟି ବ୍ଲକ ଉପରେ ଆଧାରିତ । ଏଗୁଡ଼ିକ ହେଉଛି - ମୌଖିକ ଗଣିତ କଥାବାର୍ତ୍ତା, କୌଶଳ ଶିକ୍ଷାଦାନ, କୌଶଳର ଅଭ୍ୟାସ ଏବଂ ଗାଣିତିକ ଖେଳଗୁଡ଼ିକୁ ସମସ୍ତ ପାଠରେ ଅନ୍ତର୍ଭୁକ୍ତ କରାଯାଇଛି । ସେଗୁଡ଼ିକ ମଧ୍ୟରୁ ଅଧିକାଂଶକୁ ସମନ୍ୱିତ ଭାବରେ ଉପସ୍ଥାପିତ କରାଯାଇଛି । ତଥାପି, ନିମ୍ନଲିଖିତ ପାଠଗୁଡ଼ିକ କେବଳ ଗାଣିତିକ ବୁଝାମଣା ଓ ପରିମାଣ, ଆକୃତି ଏବଂ ମାପ ମାଧ୍ୟମରେ ବିଶ୍ୱକୁ ଚିହ୍ନିବା ପାଇଁ ଦକ୍ଷତା ବିକାଶ କରିବାର ପାଠ୍ୟକ୍ରମ

ଲକ୍ଷ୍ୟ (CG-8) ସହିତ ସଂଯୁକ୍ତ ନୁହେଁ ବରଂ ଏନସିଏଫ-ଏଫଏସ ୨ ୦ ୨ ୨ ଏବଂ ପାଠ୍ୟକ୍ରମରେ ଦିଆଯାଇଥିବା ଅନ୍ୟାନ୍ୟ ସମସ୍ତ ପାଠ୍ୟକ୍ରମ ଲକ୍ଷ୍ୟ ସହିତ ମଧ୍ୟ ସଂଯୁକ୍ତ ।

**ମୌଖିକ ଗଣିତ କଥାବାର୍ତ୍ତା :** ଏଥିରେ କବିତା, ଚିତ୍ର କାହାଣୀ ଏବଂ କାର୍ଯ୍ୟ ମାଧ୍ୟମରେ ଗାଣିତିକ ଧାରଣା ଉପରେ ଆଲୋଚନା କରାଯାଇଛି । ସେଥିରୁ ନିମ୍ନରେ କେତେକକୁ ଉଲ୍ଲେଖ କରାଯାଇଛି :

- ଗଣିତ କବିତା ଯେପରି ପାଠ ୯ ର 'ଋତୁ ପସରା' ଏବଂ 'ଆସ ଗାଇବା ଦିଗ ଜାଣିବା' ।
- ଗଣିତର ନୂତନ ଧାରଣା, ଅଭ୍ୟାସ ଏବଂ ମୂଲ୍ୟାୟନ କରିବା ପାଇଁ ଚିତ୍ର କାହାଣୀଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ଯେପରି- ପାଠ ୨ ରେ 'ରୀନା' ଏବଂ 'ଆତିଶ', ପାଠ ୪ ରେ 'ଛାୟାର କାହାଣୀ' ଏବଂ 'ଲୁଚକାଳି ଖେଳ', ପାଠ ୬ ରେ 'ଫୁଲମାଳ ସଜାଇବା', ପାଠ ୭ ରେ 'ରାଣୀଙ୍କ ଉପହାର' ଏବଂ 'କଖାରୁର ବୈଠକ' ଇତ୍ୟାଦି ।
- ବିଭିନ୍ନ ଦୈନନ୍ଦିନ ଜୀବନର ପରିସ୍ଥିତି ମାଧ୍ୟମରେ ପିଲାମାନଙ୍କ ସହିତ ଆଲୋଚନା ; ଯେପରି- ପାଠ ୧ ରେ 'ଗୁଡ଼ି ଉଡ଼ା ଉତ୍ସବ', ପାଠ ୨ ରେ 'ହୋଲି ପର୍ବ', ପାଠ ୬ ରେ 'ପର୍ବ ପାଇଁ ସାଜସଜ୍ଜା' ଓ 'ଆସ ଦୀପ ଗଣିବା', ପାଠ ୭ ରେ 'ବଗିଚାରେ ଫଳ', ପାଠ ୮ ରେ 'ଏକାଠି କରିବା ଓ ବାଣ୍ଟିବା' ଏବଂ 'କେତୋଟି ବଳା', ପାଠ ୯ ରେ 'ଗାର୍ଗୀର ଦୈନିକ କାର୍ଯ୍ୟସୂଚୀ' ଏବଂ ପାଠ ୧ ୧ ରେ 'ବଣଭୋଜି ଦିନ', 'ଆମେ ଖେଳୁଥିବା ବିଭିନ୍ନ ଖେଳ' ।

**କୌଶଳ ଶିକ୍ଷାଦାନ:** ସମସ୍ତ ପାଠରେ ଏପରି କାର୍ଯ୍ୟ ଅଛି ଯାହା ପିଲାମାନେ ଏକୁଟିଆ, ଦଳରେ, କିମ୍ବା ବୟସ୍କମାନଙ୍କ (ପିତାମାତା, ଶିକ୍ଷକ ଏବଂ ଭାଇଭଉଣୀ) ସହାୟତାରେ କରିପାରିବେ । ଏହା ପିଲାମାନଙ୍କୁ ଅନ୍ୟମାନଙ୍କ ସହାୟତାରେ ବିଭିନ୍ନ କୌଶଳ ବିକାଶ କରିବାରେ ସାହାଯ୍ୟ କରେ ।

**କୌଶଳର ଅଭ୍ୟାସ:** ସମସ୍ତ ପାଠରେ 'ଆସ କାମଟିକୁ କରିବା, ପ୍ରକଳ୍ପ କାର୍ଯ୍ୟ ଏବଂ ଅଭ୍ୟାସ ପ୍ରଶ୍ନ' ମାଧ୍ୟମରେ କୌଶଳର ଅଭ୍ୟାସ ପାଇଁ ସୁଯୋଗ ସୃଷ୍ଟି କରାଯାଇଛି । ଉଦାହରଣ ସ୍ୱରୂପ ପାଠ ୪ ରେ 'କାଗଜ ଭଙ୍ଗା ଖେଳର ମଜା', 'ମେହେନ୍ଦି କରିବା' ଓ 'ଛାପ କରିବା' ଏବଂ ପାଠ ୭ ରେ 'ନିଜର ନିକିତି ତିଆରି କର' ।

**ଗାଣିତିକ ଖେଳ:** ପୁସ୍ତକର ସମସ୍ତ ପାଠରେ ଗାଣିତିକ ଖେଳ ଏବଂ କାର୍ଯ୍ୟଗୁଡ଼ିକୁ ପରସ୍ପର ସହିତ ସଂଯୋଗ କରାଯାଇଛି । ଉଦାହରଣ ସ୍ୱରୂପ ପାଠ ୧ ରେ 'ଆସ ୧ ୦ ୦ ଗଢ଼ିବା', 'ଆସ ରାସ୍ତା ଚିହ୍ନାଇବା' ଏବଂ 'ଫ୍ଲାସ୍ କାର୍ଡ଼ ଖେଳ'; ପାଠ ୩ ରେ 'ସଂଖ୍ୟା ଚାର୍ଟରେ ସଂରଚନା'; ପାଠ ୫ ରେ 'ଯୋଗ ଓ ଆସନ' ଏବଂ 'ଆସ ବିନ୍ଦୁ ସହିତ ଖେଳିବା'; ପାଠ ୭ ରେ 'ଲମ୍ବା ରାସ୍ତାକୁ ବାଛ' ଏବଂ 'ଆସ ବ୍ଲକ୍ ମାଧ୍ୟମରେ ଉଚ୍ଚତା ମାପିବା'; ପାଠ ୯ ରେ 'ଆମର ବୟସ କେତେ ?' ।

ଉପରୋକ୍ତ ପାଠଗୁଡ଼ିକ ପିଲାମାନଙ୍କ ମଧ୍ୟରେ ପରିବେଶ, ମୂଲ୍ୟବୋଧ, ସକାରାତ୍ମକ ଅଭ୍ୟାସ, ସାଂସ୍କୃତିକ ମୂଳତା ଏବଂ ଅନ୍ତର୍ଭୁକ୍ତ ଦୃଷ୍ଟିକୋଣ ପ୍ରତି ସମ୍ବେଦନଶୀଳତା ବିକାଶ କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ପାଠ୍ୟପୁସ୍ତକରେ ବହୁଭାଷୀ ଦୃଷ୍ଟିକୋଣ ମଧ୍ୟ ପ୍ରତିଫଳିତ ହୋଇଛି । ଭାଷା ବିକାଶ ଉପରେ ଧ୍ୟାନ

ଦେଉଥିବା ଆକର୍ଷଣୀୟ କାର୍ଯ୍ୟଗୁଡ଼ିକୁ ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ କରାଯାଇଛି, ଫଳରେ ପିଲାମାନେ ଆନନ୍ଦର ସହିତ ଶିଖିବା ପାଇଁ ଆଗ୍ରହ ପ୍ରକାଶ କରିବେ ।

ଶିକ୍ଷକ/ଶିକ୍ଷୟିତ୍ରୀମାନେ ପ୍ରତ୍ୟେକ ପାଠ ଏବଂ ସେଥିରେ ପ୍ରଦତ୍ତ କାର୍ଯ୍ୟର ଉଦ୍ଦେଶ୍ୟ, ପାଠ୍ୟକ୍ରମର ଲକ୍ଷ୍ୟ ଏବଂ ଦକ୍ଷତା ସହିତ ସେଗୁଡ଼ିକର ସମନ୍ୱୟକୁ ବୁଝିବା ଆବଶ୍ୟକ ଏବଂ ତଦନୁସାରେ ପିଲାମାନଙ୍କ ଆବଶ୍ୟକ ଅନୁଯାୟୀ ଏକ ଶିକ୍ଷଣ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । ଏହି ଶିକ୍ଷଣ ଯୋଜନାରେ, ଶିକ୍ଷକମାନେ ପିଲାମାନଙ୍କ ଦ୍ୱାରା ହାସଲ କରାଯାଇଥିବା ଶିକ୍ଷଣ ଫଳାଫଳ ଏବଂ ଦକ୍ଷତା ବିକାଶରେ ସକ୍ରିୟ ପର୍ଯ୍ୟବେକ୍ଷକ ହେବା ଆବଶ୍ୟକ । ଯଦି ଆମେ ଆମର ଶିକ୍ଷାକୁ ପ୍ରକୃତରେ ଦକ୍ଷତାଭିତ୍ତିକ କରିବାକୁ ଚାହୁଁ, ତେବେ ଶିକ୍ଷକମାନେ ବିଭିନ୍ନ ପାଠରେ ପ୍ରଦତ୍ତ ଶିକ୍ଷଣ ଫଳାଫଳକୁ କାର୍ଯ୍ୟ ସହିତ ସମନ୍ୱିତ କରିବା ଆବଶ୍ୟକ ।

ଏହି ପାଠ୍ୟପୁସ୍ତକରେ କେତେକ ପ୍ରସ୍ତାବିତ କାର୍ଯ୍ୟ ଦିଆଯାଇଛି । ଶିକ୍ଷକମାନେ ସେମାନଙ୍କର ନିଜସ୍ୱ କାର୍ଯ୍ୟ ପ୍ରସ୍ତୁତ କରିପାରିବେ ଏବଂ ସ୍ଥାନୀୟ ଖେଳଣା କିମ୍ବା ଖେଳ ଏବଂ ପିଲାର ନିକଟ ପରିବେଶରେ ଉପଲବ୍ଧ ଅନ୍ୟାନ୍ୟ ସାମଗ୍ରୀକୁ ବ୍ୟବହାର କରି ଏହି କାର୍ଯ୍ୟ କରିପାରିବେ । ଶିକ୍ଷକମାନେ ଏହି ପର୍ଯ୍ୟାୟରେ ପିଲାମାନଙ୍କ ମଧ୍ୟରେ ଥିବା ଦକ୍ଷତାକୁ ଦୃଷ୍ଟିରେ ରଖି ସେମାନଙ୍କ ପରିସ୍ଥିତି ଅନୁସାରେ କାର୍ଯ୍ୟଗୁଡ଼ିକୁ ଗ୍ରହଣ କରିପାରିବେ କିମ୍ବା ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରିପାରିବେ ।

ମାନସିକ ଆହ୍ୱାନ ଏବଂ ଚିନ୍ତା ପ୍ରେରଣାଦାୟକ କାର୍ଯ୍ୟରେ ନିୟୋଜିତ ହେବା ଦ୍ୱାରା ଉନ୍ନତ ଗାଣିତିକ ଶିକ୍ଷଣ ହୋଇଥାଏ । ପିଲାମାନଙ୍କୁ ନିୟମିତ ଶିକ୍ଷା ସହିତ ଗାଣିତିକ ଧନ୍ଦା ସମାଧାନ କରିବା ପାଇଁ ସୁଯୋଗ ପ୍ରଦାନ କରିବା ଆବଶ୍ୟକ । ପିଲାଙ୍କୁ ଅତି କମରେ ଏକ ସପ୍ତାହ ପାଇଁ ଗାଣିତିକ ଧନ୍ଦା ସମାଧାନ କରିବା କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ । କେତେକ ସମସ୍ୟା ପାଇଁ ଏକାଧିକ ଠିକ୍ ଉତ୍ତର ହୋଇପାରେ । ପିଲାଙ୍କୁ ଆନନ୍ଦଦାୟକ ଅଭିଜ୍ଞତା ପ୍ରଦାନ କରିବା ପାଇଁ କେତେକ ଗାଣିତିକ ଧନ୍ଦା ଦିଆଯାଇଛି । ତେଣୁ, ଏହି ଧନ୍ଦାର ସମାଧାନ ଆଧାରରେ ପିଲାକୁ ମୂଲ୍ୟାୟନ କରାଯିବା ଉଚିତ୍ ନୁହେଁ ।

ଏହି ପାଠ୍ୟପୁସ୍ତକ ଶିକ୍ଷଣର ଏକମାତ୍ର ଉତ୍ସ ନୁହେଁ । ପିଲାମାନେ ପରିବେଶ ପର୍ଯ୍ୟବେକ୍ଷଣ କରିବା ସମୟରେ; ସାଙ୍ଗମାନଙ୍କ ସହିତ ଏବଂ ବଡ଼ମାନଙ୍କ ସହିତ କଥାବାର୍ତ୍ତା କରିବା ସମୟରେ; ସେମାନଙ୍କ ଆଗ୍ରହର ଜିନିଷ ତିଆରି କରିବା ସମୟରେ; ଟିଭି ଦେଖିବା; ମୋବାଇଲ୍ ସହିତ ଖେଳିବା; ଖେଳଣା ଏବଂ ଖେଳ ଖେଳିବା; କାହାଣୀ ଏବଂ କବିତା ଶୁଣିବା; ପ୍ରକଳ୍ପ କରିବା; ସାଂସ୍କୃତିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭ୍ରମଣ କରିବା ସମୟରେ ବହୁତ କିଛି ଶିଖନ୍ତି । ତେଣୁ, ଶିକ୍ଷକ କିମ୍ବା ପିତାମାତା ଭାବରେ ଆମେ ପାଠ୍ୟପୁସ୍ତକ ବାହାରକୁ ଯାଇ ଏହି ଶିକ୍ଷଣକୁ ଗୁରୁତ୍ୱ ଦେବା ଆବଶ୍ୟକ । ଏଥିସହିତ ମୌଳିକ ପର୍ଯ୍ୟାୟ ପାଇଁ ଚିହ୍ନଟ କରାଯାଇଥିବା ଦକ୍ଷତା ଏବଂ ପାଠ୍ୟକ୍ରମର ଲକ୍ଷ୍ୟ ସହିତ ଏହାକୁ ସଂଶ୍ଳିଷ୍ଟ କରିବାକୁ ଚେଷ୍ଟା କରିବା ଆବଶ୍ୟକ । ଆମ ପିଲାମାନଙ୍କର ଶିକ୍ଷା ପାଇଁ ଆମେ ସମସ୍ତେ ସାମୂହିକ ଦାୟିତ୍ୱ ନେବା ଉଚିତ ।

# ସିଲାବସ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ୍ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।


କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)

# ସୂଚୀପତ୍ର


ପ୍ରସ୍ତାବନା

ପୁସ୍ତକ ବିଷୟରେ

| ପାଠ ସଂଖ୍ୟା | ପାଠର ନାମ | | ପୃଷ୍ଠା ସଂଖ୍ୟା |
|---|---|---|---|
| ୧. | ସମୁଦ୍ର କୂଳରେ ଦିନଟିଏ<br>(ଦଳ, ଦଳରେ ଗଣନା) |  | : ୦୧ |
| ୨. | ଆମ ଚାରିପାଖରେ ଥିବା ଆକୃତି<br>(ତ୍ରିମାତ୍ରିକ ଆକୃତି) |  | : ୧୬ |
| ୩. | ସଂଖ୍ୟା ସହିତ ମଜା<br>(ସଂଖ୍ୟା ୧ରୁ ୧୦୦) |  | : ୨୩ |
| ୪. | ଛାୟାର କାହାଣୀ<br>(ଦ୍ୱିମାତ୍ରିକ ଆକୃତି) |  | : ୩୨ |
| ୫. | ଗାର ସହିତ ଖେଳିବା<br>(ଗାରର ଆଭିମୁଖ୍ୟ) |  | : ୪୪ |

| | | | |
|---|---|---|---|
| ୬. | ପର୍ବ ପାଇଁ ସାଜସଜ୍ଜା<br>(ଯୋଗ ଏବଂ ବିୟୋଗ) |  | : ୫୦ |
| ୭. | ରାଣୀଙ୍କ ଉପହାର<br>(ମାପ) |  | : ୭୧ |
| ୮. | ଏକାଠି କରିବା ଓ ବାଣ୍ଟିବା<br>(ଗୁଣନ ଏବଂ ହରଣ) |  | : ୮୩ |
| ୯. | ଋତୁ ପସରା<br>(ସମୟର ମାପ) |  | : ୯୮ |
| ୧୦. | ମେଳାରେ ମଜା<br>(ଟଙ୍କା) |  | : ୧୧୩ |
| ୧୧. | ତଥ୍ୟ ପରିଚାଳନା<br>(ଗାଣିତିକ ଧନ୍ଦା) |  | : ୧୨୩ |



# ୧ ସମୁଦ୍ର କୂଳରେ ଦିନଟିଏ



**ଉପର ଚିତ୍ରକୁ ଦେଖ । ନିମ୍ନରେ ଦିଆଯାଇଥିବା ବସ୍ତୁଗୁଡ଼ିକର ସଂଖ୍ୟା ଗଣି କୋଠରିରେ ଲେଖ ।**

| | | | |
|---|---|---|---|
| ପଇଡ଼ | | ଡଙ୍ଗା | |
| ପିଲାମାନେ | | କମଳା | |

ତୁମେ ସେଗୁଡ଼ିକୁ କିପରି ଗଣିଲ ? ଗୋଟି ଗୋଟି କରି ଗଣିଲ ନା ଏକାଠି କରି ଗଣିଲ ?

ପିଲାମାନେ ସମୁଦ୍ରକୂଳ କିମ୍ବା ନଦୀକୂଳ ଦେଖିଛନ୍ତି କି ନାହିଁ ସେମାନଙ୍କ ସହିତ ଆଲୋଚନା କରନ୍ତୁ । ସାଧାରଣତଃ କେଉଁ ସବୁ ପ୍ରାଣୀ ଏବଂ ଉଦ୍ଭିଦ ସେଠାରେ ଦେଖାଯାଆନ୍ତି ? ପିଲାମାନଙ୍କୁ ବସ୍ତୁଗୁଡ଼ିକୁ ଯୋଡ଼ା, ପୁଞ୍ଜା, ଫେଣା, ଦଳ ଆଦିରେ ଗଣିବାକୁ ଉତ୍ସାହିତ କରନ୍ତୁ ।





## ଆସ କାମଟିକୁ କରିବା


୧. ଚିତ୍ରରେ ଦେଖାଯାଇଥିବା ଦୋକାନଗୁଡ଼ିକୁ ଦେଖ ଏବଂ ଖାଲି ସ୍ଥାନଗୁଡ଼ିକ ପୂରଣ କର ।

କ. ପ୍ରତ୍ୟେକ ହାରରେ ୧୦ଟି ଶଙ୍ଖ ଅଛି । ଶଙ୍ଖରେ ତିଆରି ________ ଟି ହାର ଅଛି ।

ଖ. ବେଲୁନ୍ ବାଲା ପାଖରେ ମୋଟ ________ ଟି ବେଲୁନ୍ ଗୁଚ୍ଛ ଅଛି । ପ୍ରତ୍ୟେକ ଗୁଚ୍ଛରେ ________ଟି ବେଲୁନ୍ ଅଛି ଓ ________ଟି ବେଲୁନ୍ ଖୋଲାରେ ଅଛି ।

ଗ. କଦଳୀ ଫେଣା ________ ଟି ଅଛି । ପ୍ରତ୍ୟେକ ଫେଣାରେ ________ ଟି କଦଳୀ ଅଛି ଓ ________ଟି କଦଳୀ ଖୋଲାରେ ଅଛି ।

୨. ସୁରଭି କେତେକ ସମୁଦ୍ର ଶଙ୍ଖ ସଂଗ୍ରହ କରିଛି । ସେ ଶଙ୍ଖର ବଳା ଏବଂ ହାର ତିଆରି କରିବାରେ ମାଆଙ୍କୁ ସାହାଯ୍ୟ କରିବାକୁ ଚାହୁଁଛି ।





କ. ସୁରଭି ________ ଟି ବଳା ତିଆରି କରିଛି । ପ୍ରତ୍ୟେକ ବଳାରେ ________ ଟି ଶଙ୍ଖ ଅଛି ।





ଖ. ତାଙ୍କ ମାଆ ନିଜ ପାଇଁ ________ ଟି ହାର ତିଆରି କରିଛନ୍ତି । ପ୍ରତ୍ୟେକ ହାରରେ ________ଟି ଶଙ୍ଖ ଅଛି ।




ସମୁଦ୍ର କୂଳରେ ମୋତିମାଳ
କୂଳରେ ଶଙ୍ଖ, ଶଙ୍ଖରେ ମାଳ,
କୂଳରେ ଶଙ୍ଖ, ଶଙ୍ଖରେ ମାଳ



## ଆସ ଚିନ୍ତା କରିବା

**୧୦ଟି ଲେଖାଏଁ ଜିନିଷ ଥିବା ପ୍ୟାକେଟଗୁଡ଼ିକର ତାଲିକା କର ।**

କ. ________________ ଖ. ________________ ଗ. ________________

### ସୁସ୍ୱାଦୁ ସପେଟା

ମନୋଜ ତାଙ୍କ ବାପାଙ୍କୁ ସପେଟା ବିକ୍ରି କରିବାରେ ସାହାଯ୍ୟ କରୁଛନ୍ତି । ସେ ଟ୍ରେରେ ସପେଟାଗୁଡ଼ିକୁ ସଜାଇଛନ୍ତି ।



ଗୋଟିଏ ଟ୍ରେରେ ________ ଟି ସପେଟା ଅଛି ।

ଟ୍ରେଗୁଡ଼ିକରେ ମୋଟ କେତୋଟି ସପେଟା ଅଛି ? ________

### ଆସ ମନୋଜଙ୍କୁ ଟ୍ରେ ସଜାଇବାରେ ସାହାଯ୍ୟ କରିବା ।

କ. ୨୫ଟି ସପେଟା  : ଦଶଟି ସପେଟା ଥିବା ______ ଟି ଟ୍ରେ ଏବଂ _____ଟି ସପେଟା ।

ଖ. ୪୩ଟି ସପେଟା  : ଦଶଟି ସପେଟା ଥିବା _____ଟି ଟ୍ରେ ଏବଂ _____ଟି ସପେଟା ।

ଗ. ୩୫ଟି ସପେଟା  : ଦଶଟି ସପେଟା ଥିବା _____ଟି ଟ୍ରେ ଏବଂ ______ଟି ସପେଟା ।

ଘ. ୫୮ଟି ସପେଟା  : ଦଶଟି ସପେଟା ଥିବା _______ଟି ଟ୍ରେ ଏବଂ ________ଟି ସପେଟା ।




## ଆସ ସପେଟା ସଂଖ୍ୟା ସହିତ ଚିତ୍ରକୁ ଯୋଡ଼ିବା

କ. ୮୦ଟି ସପେଟା

ଖ. ୭୨ଟି ସପେଟା

ଗ. ୫୬ଟି ସପେଟା

ଘ. ୨୮ଟି ସପେଟା




## ଆସ ବ୍ଲକ ଓ ପଟି ସହିତ ମଜା କରିବା




ଏହି ବ୍ଲକରଡ଼ରେ କେତୋଟି ବ୍ଲକ ଅଛି, ତାହା ତୁମେ କହିପାରିବ କି ?

୧ ବ୍ଲକରଡ଼ = ________ ଟି ବ୍ଲକ





ତୁମେ କହିପାରିବ କି ଏହି ପଟିରେ କେତୋଟି ଖଣ୍ଡ ଅଛି ?

୧ ପଟି = ________ଟି ଖଣ୍ଡ







## ଆସ କାମଟିକୁ କରିବା




୩ ଟି ବ୍ଲକରଡ଼ ଏବଂ ୪ ଟି ବ୍ଲକ । ମୋଟ ୩୪ ଟି ବ୍ଲକ ।




______ଟି ବ୍ଲକରଡ଼ ଏବଂ ______ଟି ବ୍ଲକ । ମୋଟ ______ଟି ବ୍ଲକ ।




______ଟି ବ୍ଲକରଡ଼ ଏବଂ ______ ଟି ବ୍ଲକ । ମୋଟ ______ ଟି ବ୍ଲକ ।



ଦଶ ଖଣ୍ଡ ଥିବା ______ଟି ପଟି ଏବଂ ______ଟି ଖଣ୍ଡ । ମୋଟ ______ ଟି ଖଣ୍ଡ ।



ଦଶ ଖଣ୍ଡ ଥିବା ______ଟି ପଟି ଏବଂ ______ଟି ଖଣ୍ଡ । ମୋଟ ______ ଟି ଖଣ୍ଡ ।



ଦଶ ଖଣ୍ଡ ଥିବା ______ଟି ପଟି ଏବଂ ______ଟି ଖଣ୍ଡ । ମୋଟ ______ ଟି ଖଣ୍ଡ ।


## ନିମ୍ନ ସାରଣୀ ପୂରଣ କର ।


| ମୋଟ ଖଣ୍ଡ | ଦଶ ଖଣ୍ଡ ଥିବା ପଟି | ଖଣ୍ଡ |
|---|---|---|
| ୨୪ | ୨ | ୪ |
| ୩୬ | | |
| ୭୨ | | |
| ୬୯ | | |
| ୪୬ | | |

ପିଲାମାନଙ୍କ ମଧ୍ୟରେ ସଂଖ୍ୟା ଜ୍ଞାନ ବିକଶିତ କରିବା ପାଇଁ କାଠି କିମ୍ବା କାଠି ବିଡ଼ା କିମ୍ବା ସମାନ ପ୍ରକାର ସାମଗ୍ରୀ ବ୍ୟବହାର କରନ୍ତୁ ଯାହାକୁ ଶ୍ରେଣୀଭୁକ୍ତ କରାଯାଇପାରିବ । ବିଦ୍ୟାଳୟରେ ଉପଲବ୍ଧ ଗଣିତ କିଟ୍ ବ୍ୟବହାର କରି ଏହି ଧାରଣା ମଧ୍ୟ ଶିଖାଇପାରିବେ ।




# ଆସ ୧୦୦ ଗଢ଼ିବା !




**୭୦**ଟି ହଳଦିଆ ରଙ୍ଗର ଖଣ୍ଡ ଏବଂ **୩୦**ଟି ଲାଲ ରଙ୍ଗର ଖଣ୍ଡ । **୭**ଟି ହଳଦିଆ ରଙ୍ଗର ପଟି ଏବଂ **୩**ଟି ଲାଲ ରଙ୍ଗର ପଟି । ମୋଟ **୧୦୦** ଟି ଖଣ୍ଡ କିମ୍ବା **୧୦**ଟି ପଟି ।



_____ଟି ହଳଦିଆ ରଙ୍ଗର ଖଣ୍ଡ ଏବଂ ___ଟି ଲାଲ ରଙ୍ଗର ଖଣ୍ଡ । _____ଟି ହଳଦିଆ ରଙ୍ଗର ପଟି ଏବଂ _____ଟି ଲାଲ ରଙ୍ଗର ପଟି । ମୋଟ ___ଟି ଖଣ୍ଡ କିମ୍ବା ___ଟି ପଟି ।



_____ଟି ହଳଦିଆ ରଙ୍ଗର ଖଣ୍ଡ ଏବଂ ___ଟି ଲାଲ ରଙ୍ଗର ଖଣ୍ଡ । _____ଟି ହଳଦିଆ ରଙ୍ଗର ପଟି ଏବଂ _____ଟି ଲାଲ ରଙ୍ଗର ପଟି । ମୋଟ ___ଟି ଖଣ୍ଡ କିମ୍ବା ___ଟି ପଟି ।



_____ଟି ହଳଦିଆ ରଙ୍ଗର ଖଣ୍ଡ ଏବଂ ___ଟି ଲାଲ ରଙ୍ଗର ଖଣ୍ଡ । _____ଟି ହଳଦିଆ ରଙ୍ଗର ପଟି ଏବଂ _____ଟି ଲାଲ ରଙ୍ଗର ପଟି । ମୋଟ ___ଟି ଖଣ୍ଡ କିମ୍ବା ___ଟି ପଟି ।

ଦଶଟି ପଟିକୁ ନେଇ ଅନ୍ୟ କେତେକ ଉଦାହରଣ ଆଲୋଚନା କରନ୍ତୁ ଯାହା ୧୦୦ଟି ଖଣ୍ଡ ଗଠନ କରିବ ।





## ଆସ ଖେଳିବା : ୧୦୦ ଗଢ଼ିବା !

ଏହି ଖେଳକୁ ୫/୬ ଜଣିଆ ଦଳରେ ଖେଳାଯିବ । ଜଣେ ପିଲା ବ୍ୟାଙ୍କ ଅଧିକାରୀ ହେବ । ପ୍ରତ୍ୟେକ ଦଳର ପିଲା ଏକାଠି ଦୁଇଟି ଲୁଡୁ ଗୋଟି ପକାଇବେ । ଲୁଡୁ ଗୋଟି ଉପରେ ଥିବା ବିନ୍ଦୁଗୁଡ଼ିକ ଗଣି ବ୍ୟାଙ୍କରୁ ସେତିକି ସଂଖ୍ୟକ ଖଣ୍ଡ ନେବେ । ଯେତେବେଳେ ୧୦ ସହ ସମାନ କିମ୍ବା ତା'ଠାରୁ ଅଧିକ ଖଣ୍ଡ ହେବ, ସେମାନେ ବ୍ୟାଙ୍କ ଅଧିକାରୀଙ୍କ ଠାରୁ ୧୦ଟି ଖଣ୍ଡ ବଦଳରେ ଗୋଟିଏ ପଟି ନେବେ । ଏହିଭଳି ୧୦୦ ଖଣ୍ଡ ହେବା ପାଇଁ ୧୦ଟି ପଟି ସଂଗ୍ରହ କରି ସଜାଇବେ । ତେନ୍ତୁଳି ମଞ୍ଜି, ଗୋଡ଼ି, ବ୍ଲକ ଆଦି ଜିନିଷକୁ ଆମେ ଖଣ୍ଡ ଭାବେ ବ୍ୟବହାର କରିପାରିବା ।

## କାର୍ଡ଼ ମାଧ୍ୟମରେ ଗଣନା







ପିଲାମାନଙ୍କୁ ଦଶ ଏବଂ ଏକର ବିଭିନ୍ନ କାର୍ଡ଼ ବ୍ୟବହାର କରିବାକୁ ଉତ୍ସାହିତ କରନ୍ତୁ ।



# ଆସ ଚିନ୍ତା କରିବା

## ଖାଲି ସ୍ଥାନ ପୂରଣ କର ।



୩ ଦଶ ୧ ଏକ = ୩୦ + ୧ କିମ୍ବା

| ▲ | ● |
|---|---|
| ଦଶକ | ଏକକ |
| ୩ | ୧ |


ତେଣୁ, ମୋଟ ୩୧ଟି ଶଙ୍ଖ ଅଛି ।



____ ଦଶ ____ ଏକ = ☐ + ☐ କିମ୍ବା

| ଦଶକ | ଏକକ |
|---|---|
| | |


---



____ ଦଶ ____ ଏକ = ☐ + ☐ କିମ୍ବା

| ଦଶକ | ଏକକ |
|---|---|
| | |

---



____ ଦଶ ____ ଏକ = ☐ + ☐ କିମ୍ବା

| ଦଶକ | ଏକକ |
|---|---|
| | |

## ଦଶ (▲) ଏବଂ ଏକ (●) କାର୍ଡ଼ ଅଙ୍କନ କର ଏବଂ ଖାଲି ସ୍ଥାନଗୁଡ଼ିକ ପୂରଣ କର ।

☐ = ୯୦ + ୩ କିମ୍ବା

| ଦଶକ | ଏକକ |
|---|---|
| | |

____ ଦଶ ____ ଏକ

---

☐ = ☐ + ☐ କିମ୍ବା

| ଦଶକ | ଏକକ |
|---|---|
| ୭ | ୫ |


____ ଦଶ ____ ଏକ

---

☐ = ☐ + ☐ କିମ୍ବା

| ଦଶକ | ଏକକ |
|---|---|
| ୨ | ୯ |

____ ଦଶ ____ ଏକ





# ଆସ ଖେଳିବା

## ସଂଖ୍ୟା ଗଠନ କର

ଶିକ୍ଷକ ପିଲାମାନଙ୍କୁ ଗୋଟିଏ ଲେଖାଏଁ ସଂଖ୍ୟାକାର୍ଡ଼ ଦେବେ । (୧, ୨, ୩, ୪, ୫, ୬, ୭, ୮, ୯, ୧୦, ୨୦, ୩୦, ୪୦....) । ଶିକ୍ଷକ ଗୋଟିଏ ସଂଖ୍ୟା ଡାକିବେ, ଯଥା- ୫୨ । ୫୦ ଏବଂ ୨ ସଂଖ୍ୟା କାର୍ଡ଼ ଧରିଥିବା ପିଲା ଏକାଠି ହୋଇ ନିମ୍ନରେ ଦେଖାଯାଇଥିବା ଚିତ୍ର ପରି ୫୨ ସଂଖ୍ୟା ଗଠନ କରିବେ । ୨୭ ଭଳି ଅନ୍ୟାନ୍ୟ ସଂଖ୍ୟା ପାଇଁ ଏହି ଖେଳ ଜାରି ରଖିବେ ।




## କମଳା ଟ୍ରେ




ପିଲାମାନଙ୍କୁ ଦଶକ ଏବଂ ଏକକକୁ ବ୍ୟବହାର କରି ସଂଖ୍ୟା ଗଠନ କରିବା ପାଇଁ ଯଥେଷ୍ଟ ସୁଯୋଗ ଦିଅନ୍ତୁ । ଉଦାହରଣ ସ୍ୱରୂପ: ୭୩- ୭୦ ଓ ୩କୁ ନେଇ ଗଠିତ କିମ୍ବା ୭ ଦଶ ଓ ୩ ଏକକୁ ନେଇ ଗଠିତ। ପିଲାମାନଙ୍କୁ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ପାଇଁ ନିଜସ୍ୱ କାର୍ଯ୍ୟଫର୍ଦ୍ଦ ପ୍ରସ୍ତୁତ କରିବାକୁ ଦିଅନ୍ତୁ।

| | | ଦଶକ | ଏକକ |
|---|---|---|---|
| ୭୩ | ୭୦ + ୩ | ୭ | ୩ |
| | | | |
| | | | |






ଆଚ୍ଛା କହିଲ, ୨୭ଟି କମଳା ଓ ୭୨ଟି କମଳା ମଧ୍ୟରୁ କେଉଁଟି କମ୍ ଓ କାହିଁକି ?

## ଖାଲି ସ୍ଥାନରେ ଅଧିକ କିମ୍ବା କମ୍ ଲେଖ ।

କ. ୬୭ଟି ସପେଟା, ୭୬ଟି ସପେଟା ଅପେକ୍ଷା _______ ।

ଖ. ୫୩ଟି ଶଙ୍ଖ, ୩୫ଟି ଶଙ୍ଖ ଅପେକ୍ଷା _______ ।






## ଆସ କାମଟିକୁ କରିବା

### ଶୂନ୍ୟସ୍ଥାନ ପୂରଣ କର ।

କ. <u>୨୯</u> ହେଉଛି ୨୦ ଠାରୁ ଅଧିକ ।

ଖ. ୪୧ ଠାରୁ କମ୍ ସଂଖ୍ୟାଟି _____ ।

ଗ. ୭୬ ଠାରୁ କମ୍ ସଂଖ୍ୟାଟି ହେଉଛି _____ ।

ଘ. ୪୯, _____ ଠାରୁ ଅଧିକ ଅଟେ ।

ଙ. ୨୫ ଠାରୁ କମ୍ ସଂଖ୍ୟାଟି ହେଉଛି _____ ।

ଚ. ୨ ଠାରୁ କମ୍ ସଂଖ୍ୟାଟି ହେଉଛି ___ ।

ଛ. ୩୬ ଠାରୁ ଅଧିକ ସଂଖ୍ୟାଟି ହେଉଛି _____ ।

ଜ. _____ ଠାରୁ _____ ଅଧିକ ଅଟେ ।

ପିଲାମାନଙ୍କ ସହିତ ପରିସ୍ଥିତି ବିଷୟରେ ଆଲୋଚନା କରନ୍ତୁ, ଯେଉଁଠାରେ ସେମାନେ ଦୁଇଟି ପରିମାଣକୁ ତୁଳନା କରିପାରିବେ । ପିଲାମାନଙ୍କୁ ବାସ୍ତବ ବସ୍ତୁର ଦୁଇଟି ସମୂହ (ଗ୍ରୁପ୍ / ଦଳ) ତିଆରି କରିବାକୁ କୁହନ୍ତୁ ଯେପରି ଗୋଡ଼ି, ମାର୍ବଲ୍, ବୋତଲଠିପି, ମଞ୍ଜି ଆଦି ଏବଂ କେଉଁ ସମୂହରେ ଅଧିକ ସଂଖ୍ୟକ ବସ୍ତୁ ରହିଛି ଆକଳନ କରିବାକୁ ଦିଅନ୍ତୁ ।
ତା'ପରେ ସେମାନଙ୍କୁ ବସ୍ତୁ ଗଣନା କରି ସେମାନଙ୍କର ଆକଳନକୁ ଯାଞ୍ଚ କରିବାକୁ ଦିଅନ୍ତୁ ।





## ଆସ ଖେଳିବା

### ଫ୍ଲାସ୍ କାର୍ଡ଼ ଖେଳ

**୧. ୦ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାଗୁଡ଼ିକର ଫ୍ଲାସ୍ କାର୍ଡ଼ ପ୍ରସ୍ତୁତ କର, ଏହି କାର୍ଡଗୁଡ଼ିକୁ ଠିକ୍ ଭାବରେ ଦଶକ ଏବଂ ଏକକ ସ୍ଥାନରେ ରଖି ନିମ୍ନରେ ଦିଆଯାଇଥିବା ନିୟମ ଅନୁଯାୟୀ ଆବଶ୍ୟକୀୟ ସଂଖ୍ୟା ଗଠନ କର ।**




କ. ୫୦ ଠାରୁ ଅଧିକ ଗୋଟିଏ ସଂଖ୍ୟା

ଖ. ୩୦ ଠାରୁ କମ୍ ଗୋଟିଏ ସଂଖ୍ୟା

ଗ. ୪୭ରୁ ୫୯ ମଧ୍ୟରେ ଗୋଟିଏ ସଂଖ୍ୟା


ଘ. ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ସାନ କେଉଁ ସଂଖ୍ୟା ତୁମେ ଗଠନ କରିପାରିବ ?

ଙ. ତୁମେ ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ବଡ଼ କେଉଁ ସଂଖ୍ୟା ଗଠନ କରିପାରିବ ? ତୁମେ ଗଠନ କରିଥିବା ସଂଖ୍ୟାଟି ସବୁଠାରୁ ବଡ଼ ବୋଲି କାହିଁକି ଭାବୁଛ ?

**୨. ଯେକୌଣସି ଦୁଇଟି ଫ୍ଲାସ୍ କାର୍ଡ଼ ବାଛ ଏବଂ ଗୋଟିଏ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର । ଏବେ ଏହି ଫ୍ଲାସ କାର୍ଡ଼ଗୁଡ଼ିକୁ ଅନ୍ୟ ଏକ ସଂଖ୍ୟା ପାଇବା ପାଇଁ ଅଦଳବଦଳ କର ଏବଂ ଏହା ପୂର୍ବ ସଂଖ୍ୟାଠାରୁ ବଡ଼ କିମ୍ବା ସାନ ନିର୍ଣ୍ଣୟ କର ।**

| ଦଶକ | ଏକକ | ଦଶକ | ଏକକ |
|---|---|---|---|
| ୩ | ୫ | ୫ | ୩ |
| | | | |
| | | | |
| | | | |



## ଆସ ରାସ୍ତା ଚିହ୍ନାଇବା

ସବୁଠାରୁ ବଡ଼ ସଂଖ୍ୟାରୁ ସବୁଠାରୁ ସାନ ସଂଖ୍ୟାରେ ପହଞ୍ଚିବା ପାଇଁ ବଡ଼ରୁ ସାନ କ୍ରମରେ ପ୍ରତ୍ୟେକ ସଂଖ୍ୟାକୁ ଥରେ ଅତିକ୍ରମ କରିବାକୁ ଚେଷ୍ଟା କର ।

| | | | |
|---|---|---|---|
| ୬୫ | | | ୭୩ |
| | ୯୨ | | |
| | ୫୩ | | |
| ୨୦ | | ୩୨ | |

| | | | | |
|---|---|---|---|---|
| ୩୪ | | | ୫୩ | |
| | ୯୧ | | | ୭୬ |
| | ୧୪ | | | ୧୧ |
| | | | | ୧୯ |
| ୨୩ | | | | |

| | | | | |
|---|---|---|---|---|
| | | | ୫୧ | |
| ୫୮ | | | | |
| | | | ୬୩ | ୪୩ |
| ୭୫ | | | ୮୬ | |
| ୨୯ | | | | ୩୪ |

## ସଂଖ୍ୟା ସହିତ ଖେଳ

**ମୁଁ କିଏ ? କୋଠରିରେ ଲେଖ ।**

୧. ମୁଁ ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ବଡ଼ ସଂଖ୍ୟା ।

୨. ମୁଁ ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ବଡ଼ ସଂଖ୍ୟା । ମୋର ଦଶକ ଓ ଏକକ ଅଙ୍କ ସମାନ ନୁହେଁ ।

୩. ମୁଁ ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ସାନ ସଂଖ୍ୟା ।

୪. ମୁଁ ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ସାନ ସଂଖ୍ୟା, ମୋର ଦଶକ ଓ ଏକକ ଅଙ୍କ ସମାନ ।

୫. ମୁଁ ଦଶକ ସ୍ଥାନରେ ୩ ଥିବା ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ସାନ ସଂଖ୍ୟା ।

୬. ମୁଁ ଏକକ ସ୍ଥାନରେ ୨ ଥିବା ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ବଡ଼ ସଂଖ୍ୟା ।

## ଏହିପରି ନିଜ ମନରୁ ପ୍ରଶ୍ନ ପ୍ରସ୍ତୁତ କର ।



## ଗୁଡ଼ି ଉଡ଼ା ଉତ୍ସବ

ଓଡ଼ିଶାର ଅନେକ ସ୍ଥାନରେ ମକର ସଂକ୍ରାନ୍ତି ଦିନ ଗୁଡ଼ି ଉଡ଼ାଇବା ପ୍ରତିଯୋଗିତା ଆୟୋଜନ କରାଯାଏ । ଏହି ପ୍ରତିଯୋଗିତା ପାଇଁ ବିଭିନ୍ନ ରଙ୍ଗ ବେରଙ୍ଗର ଗୁଡ଼ି ତିଆରି କରାଯାଏ । ପ୍ରତିଯୋଗୀମାନେ ନିଜ ଗୁଡ଼ିକୁ ଆକାଶରେ ସବୁଠାରୁ ଉପରେ ଉଡ଼ାଇବାକୁ ଚେଷ୍ଟା କରିଥାଆନ୍ତି । ନିମ୍ନରେ ଦିଆଯାଇଥିବା ଚିତ୍ରକୁ ଦେଖ ଏବଂ ପ୍ରତ୍ୟେକ ଗୁଡ଼ିର ସ୍ଥିତିକୁ ଲକ୍ଷ୍ୟ କର ।



(କ) କେଉଁ ରଙ୍ଗର ଗୁଡ଼ିକୁ ପ୍ରଥମ ପୁରସ୍କାର ଦିଆଯିବ ? ________

(ଖ) କେଉଁ ରଙ୍ଗର ଗୁଡ଼ି ତୃତୀୟ ସ୍ଥାନରେ ଅଛି ? ________

(ଗ) ନୀଳ ଏବଂ ସବୁଜ ରଙ୍ଗର ଗୁଡ଼ି କେଉଁ ସ୍ଥାନରେ ଅଛି ? ________

(ଘ) ଗୋଲାପୀ ଏବଂ ନାରଙ୍ଗୀ ରଙ୍ଗର ଗୁଡ଼ିର ସ୍ଥାନ ଲେଖ ।

ଗୋଲାପୀ : ____________, ନାରଙ୍ଗୀ: ____________

**ନିମ୍ନରେ ଦିଆଯାଇଥିବା ଜାନୁଆରୀ ମାସର କ୍ୟାଲେଣ୍ଡରକୁ ଦେଖ ଓ ପରପୃଷ୍ଠାରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

| ରବିବାର | ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ ଗୁରୁ ଗୋବିନ୍ଦ ସିଂହ ଜୟନ୍ତୀ | ୭ | ୮ | ୯ | ୧୦ | ୧୧ |
| ୧୨ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ | ୧୩ ପୌଷ ପୂର୍ଣ୍ଣିମା | ୧୪ ମକର ସଂକ୍ରାନ୍ତି | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ ନେତାଜୀ ଜୟନ୍ତୀ | ୨୪ | ୨୫ |
| ୨୬ ସାଧାରଣତନ୍ତ୍ର ଦିବସ | ୨୭ | ୨୮ | ୨୯ ତ୍ରିବେଣୀ ଅମାବାସ୍ୟା | ୩୦ | ୩୧ | |

(କ୍ୟାଲେଣ୍ଡର- ୨୦୨୫ ଉପରେ ଆଧାରିତ)



(କ) ମାସର କେଉଁ ତାରିଖରେ ମକର ସଂକ୍ରାନ୍ତି ପାଳନ କରାଯାଏ ?

(ଖ) ସାଧାରଣତନ୍ତ୍ର ଦିବସ କେବେ ପାଳନ କରାଯାଏ ?

(ଗ) ପୌଷ ପୂର୍ଣ୍ଣିମା ମାସର ________ ସୋମବାର ଦିନ ପଡୁଛି ।

ତୁମର କେଉଁ ସାଙ୍ଗମାନେ ଜାନୁଆରୀ ମାସରେ ତାଙ୍କର ଜନ୍ମଦିନ ପାଳନ କରିଛନ୍ତି ବୁଝି କ୍ୟାଲେଣ୍ଡରରେ ଟିକିଲି ଲଗାଇ ଚିହ୍ନଟ କର ।

## ୧୭ ନମ୍ବର ସାର୍ଟ




ପିଲାମାନଙ୍କ ସହିତ ବିଭିନ୍ନ ସ୍ଥାନ ବିଷୟରେ ଆଲୋଚନା କରନ୍ତୁ ଯେଉଁଠାରେ ସେମାନେ ସଂଖ୍ୟାକୁ ନାମପଟି କିମ୍ବା ନାମ ଭାବରେ ଦେଖିପାରିବେ । ଉଦାହରଣ ସ୍ୱରୂପ: ଘର ନମ୍ବର, ସ୍ତମ୍ଭ ନମ୍ବର, ରୋଲ ନମ୍ବର, ବସ୍ କିମ୍ବା ଟ୍ରେନ୍ ନମ୍ବର ଇତ୍ୟାଦି । ପିଲାମାନଙ୍କୁ କୁହନ୍ତୁ - ଆଜି ଆମେ ୦ ଏବଂ ୧-୯ ଅଙ୍କ ବ୍ୟବହାର କରି ଯେଉଁସବୁ ସଂଖ୍ୟା ଲେଖୁଛେ, ତାହାର ସୁନ୍ଦର ଉପାୟ ଭାରତରେ ହିଁ ଉତ୍ପନ୍ନ ହୋଇଥିଲା ।

# ୨ ଆମ ଚାରିପାଖରେ ଥିବା ଆକୃତି





## ଆସ କାମଟିକୁ କରିବା

**୧. ହୋଲି ପର୍ବର ଚିତ୍ର ଦେଖ ଏବଂ ବିଭିନ୍ନ ବାଦ୍ୟଯନ୍ତ୍ରକୁ ଲକ୍ଷ୍ୟ କର ।**

କ. ଯେଉଁ ବାଦ୍ୟଯନ୍ତ୍ରଗୁଡ଼ିକର ଆକୃତି ଏକ ଡ୍ରମ୍‌ର  ଆକୃତି ସହିତ ସମାନ, ସେଗୁଡ଼ିକୁ ଗୋଲ ○ ବୁଲାଅ ।

ଖ. ଯେଉଁ ବାଦ୍ୟଯନ୍ତ୍ରଗୁଡ଼ିକର ଆକୃତି ଏକ ମାଠିଆର  ଆକୃତି ସହିତ ସମାନ, ସେଗୁଡ଼ିକୁ ଠିକ୍ ✓ ଚିହ୍ନ ଦିଅ ।

ଗ. ଯେଉଁ ଚିତ୍ରର ଆକୃତି ମହୁରୀର  ଆକୃତି ସହିତ ସମାନ, ସେହି ଚିତ୍ରକୁ ଠିକ୍ ✓ ଚିହ୍ନ ଦିଅ । (, , )

ଘ. ହାର୍ମୋନିୟମର  ଆକୃତି ଏକ ଡ୍ରମର  ଆକୃତି ଠାରୁ କିପରି ଭିନ୍ନ ଅଟେ ?

**୨. ତୁମେ କୌଣସି ବାଦ୍ୟଯନ୍ତ୍ର ଦେଖିଛ କିମ୍ବା ବଜାଇଛ କି ? ସାଙ୍ଗମାନଙ୍କ ସହିତ ତୁମର ଅନୁଭୂତିକୁ ଆଲୋଚନା କର ।**

**୩. ଭିନ୍ନ ଆକୃତିକୁ ଛକି (X) ଚିହ୍ନ ଦ୍ୱାରା ଦର୍ଶାଅ ।**









ବିଭିନ୍ନ ବାଦ୍ୟଯନ୍ତ୍ରର ଆକୃତିର ସମାନତା ବିଷୟରେ ଆଲୋଚନା କରନ୍ତୁ ଏବଂ ନିଜ ଅଞ୍ଚଳରେ ଉପଲବ୍ଧ ବାଦ୍ୟଯନ୍ତ୍ର ଏବଂ ସେଗୁଡ଼ିକ ବଜାଇବା ପ୍ରଣାଳୀ ବିଷୟରେ କଥାବାର୍ତ୍ତା କରନ୍ତୁ । ଉଦାହରଣ ସ୍ୱରୂପ, ଡ୍ରମ୍ ଏବଂ ତବଲାକୁ ପିଟିବା ଦ୍ୱାରା ବଜାଯାଏ, ଯେତେବେଳେ କି ଗିଟାର ଏବଂ ସୀତାରକୁ ତାର ବ୍ୟବହାର କରି ବଜାଯାଏ ଏବଂ ମହୁରୀ, ବଂଶୀ ଆଦିକୁ ବାୟୁ ପ୍ରବାହିତ କରି ବଜାଯାଏ ।





ବାଦ୍ୟଯନ୍ତ୍ର ଏବଂ ବସ୍ତୁଗୁଡ଼ିକୁ ସେଗୁଡ଼ିକର ନିର୍ଦ୍ଦିଷ୍ଟ ଆକୃତି ସହିତ ଯୋଡ଼ । ଗୋଟିଏ ତୁମ ପାଇଁ କରାଯାଇଛି ।



# ରୀନା ଏବଂ ଆତିଶ





ପିଲାମାନଙ୍କୁ ଘନ ବସ୍ତୁର ପୃଷ୍ଠ, ଧାର ଏବଂ ଶୀର୍ଷ ଅନୁଭବ କରିବାକୁ ଦିଅନ୍ତୁ ଯେପରି ଚକ୍ ବାକ୍ସ, ଡଷ୍ଟର, ଚକ୍ ଆଦି ।




## ଆସ କାମଟିକୁ କରିବା



ଯଦି ତୁମକୁ ନିମ୍ନ ଆକୃତିଗୁଡ଼ିକୁ ତାରକା, ରିବନ ପଟି ଏବଂ କାଚଗୋଲି ଦ୍ୱାରା ସମାନ ଢଙ୍ଗରେ ସଜାଇବାକୁ ପଡ଼ିବ, ତେବେ ତୁମେ ଏହି ଜିନିଷଗୁଡ଼ିକ ମଧ୍ୟରୁ କେତୋଟିକୁ ଆବଶ୍ୟକ କରିବ ?

| ବସ୍ତୁ | ପାର୍ଶ୍ୱ ପାଇଁ ତାରକା ସଂଖ୍ୟା | ଧାର ପାଇଁ ରିବନ ପଟି ସଂଖ୍ୟା | ଶୀର୍ଷ ପାଇଁ କାଚଗୋଲି ସଂଖ୍ୟା |
|---|---|---|---|
|  | | | |
|  | | | |
|  | | | |



## ଆସ ଚିନ୍ତା କରିବା

**ବସ୍ତୁଗୁଡ଼ିକୁ ଦେଖ ଏବଂ ସାରଣୀ ପୂରଣ କର ।**

| ବସ୍ତୁ | ମୁଁ କିପରି ଦେଖାଯାଉଛି | ପାର୍ଶ୍ୱ ସଂଖ୍ୟା | ଧାର ସଂଖ୍ୟା | ଶୀର୍ଷ ସଂଖ୍ୟା |
|---|---|---|---|---|
|  | ଚାରିକୋଣିଆ | | | |
|  | ଆୟତଘନ | | | |
|  | କୋନ୍ | | | |
|  | ସିଲିଣ୍ଡର | | | |
|  | ଗୋଲକ | | | |
|  | ଆୟତଘନ | | | |
|  | କୋନ୍ | | | |
|  | ସିଲିଣ୍ଡର | | | |





## ଆସ ଖେଳିବା

### ସ୍ପର୍ଶ କର ଏବଂ କୁହ । ମୁଁ କିଏ ?

ପାର୍ଶ୍ୱ, ଶୀର୍ଷ ଓ ଧାରରେ ଭିନ୍ନତା ଥିବା ବିଭିନ୍ନ ବସ୍ତୁ ସଂଗ୍ରହ କର । ଗୋଟିଏ ପିଲାର ଆଖିରେ ରୁମାଲ ବାନ୍ଧିଦିଅ ଯେପରି ସେ କିଛି ଦେଖିପାରିବ ନାହିଁ । ଅନ୍ୟ ଜଣେ ପିଲା ସଂଗ୍ରହ କରିଥିବା ବସ୍ତୁ ମଧ୍ୟରୁ ଗୋଟିଏ ବସ୍ତୁ ବିଷୟରେ କହିବ । ଆଖିରେ ରୁମାଲ ବାନ୍ଧିଥିବା ପିଲାଟି ସେହି ବସ୍ତୁକୁ ଛୁଇଁ ବାହାର କରିବ । ଉଦାହରଣ- ଗୋଟିଏ ଶୀର୍ଷ ଥିବା ବସ୍ତୁ ବାହାର କର । ସେହିଭଳି ଅନ୍ୟ ବସ୍ତୁଗୁଡ଼ିକୁ ନେଇ ବାଛିବା କାର୍ଯ୍ୟ ଜାରି ରହିବ ।



## ଆସ କାମଟିକୁ କରିବା

### ବସ୍ତୁଗୁଡ଼ିକର ନାମ ଲେଖ, ଯାହାର -

| କୌଣସି ଶୀର୍ଷ ନାହିଁ | ଗୋଟିଏ ଶୀର୍ଷ ଅଛି |
|---|---|
| କ. ____________ | କ. ____________ |
| ଖ. ____________ | ଖ. ____________ |
| ଗ. ____________ | ଗ. ____________ |

| ତିନୋଟି ଶୀର୍ଷ ଅଛି | ଆଠଟି ଶୀର୍ଷ ଅଛି |
|---|---|
| କ. ____________ | କ. ____________ |
| ଖ. ____________ | ଖ. ____________ |
| ଗ. ____________ | ଗ. ____________ |




## ପ୍ରକଳ୍ପ କାର୍ଯ୍ୟ

ଗୋଟିଏ କାର୍ଡ଼ବୋର୍ଡ଼ ନିଅ ଏବଂ ଚାରୋଟି ପାର୍ଶ୍ୱ ଥିବା ବସ୍ତୁଟିଏ ତିଆରି କରିବାକୁ ଚେଷ୍ଟା କର । ବର୍ତ୍ତମାନ, ଗୋଟିଏ ପାର୍ଶ୍ୱ ଥିବା ଏକ ବସ୍ତୁ ତିଆରି କରିବାକୁ ଚେଷ୍ଟା କର ।


ପିଲାମାନଙ୍କ ସହିତ ଏକ, ଦୁଇ, ତିନି କିମ୍ବା କୌଣସି ଶୀର୍ଷ ନଥିବା ବସ୍ତୁଗୁଡ଼ିକ ବିଷୟରେ ଆଲୋଚନା କରନ୍ତୁ ଏବଂ ସେଗୁଡ଼ିକୁ ଖୋଜିବାକୁ ଉତ୍ସାହିତ କରନ୍ତୁ । ସେମାନେ ମାଟି କିମ୍ବା ଚକଟା ହୋଇଥିବା ମଇଦା ବ୍ୟବହାର କରି ଏପରି ବସ୍ତୁ ତିଆରି କରିପାରିବେ । ଗଣିତ କିଟ୍‌ରେ ଥିବା କାଗଜ ଜାଲକୁ ନେଇ ବିଭିନ୍ନ ପ୍ରକାର ବସ୍ତୁ ତିଆରି କରିପାରିବେ ।









# ୩ ସଂଖ୍ୟା ସହିତ ମଜା





## ସଂଖ୍ୟାମାଳିକୁ ଦେଖ ।

କ. ସଂଖ୍ୟାମାଳିରେ କେତୋଟି ମାଳି ଅଛି ?

ଖ. ସଂଖ୍ୟାମାଳିରେ କେତେକ ଖାଲି କାର୍ଡ଼ ଅଛି । ମାଳି ସଂଖ୍ୟା ଗଣନା କରି ସେଗୁଡ଼ିକ ଉପରେ ସଂଖ୍ୟା ଲେଖ ।

ଗ. ନିମ୍ନଲିଖିତ ସଂଖ୍ୟାଗୁଡ଼ିକ ପାଇଁ ସଂଖ୍ୟା କାର୍ଡ଼ ପ୍ରସ୍ତୁତ କର ଏବଂ ସେଗୁଡ଼ିକୁ ସଂଖ୍ୟାମାଳିରେ ରଖ ।

୩୮, ୪୪, ୫୮, ୬୫, ୯୮





## ସଂଖ୍ୟା ପଟିକୁ ଦେଖ ଏବଂ ଖାଲି ସ୍ଥାନଗୁଡ଼ିକ ପୂରଣ କର ।

କ. ଗୋଲାପୀ ରଙ୍ଗର ଫୁଲରେ ପହଞ୍ଚିବା ପାଇଁ ପ୍ରଜାପତି ________ଟି ପାଦ ଆଗକୁ ବଢ଼ାଇବ ।

ଖ. ମହୁମାଛି ଲାଲ ରଙ୍ଗର ଫୁଲରେ ପହଞ୍ଚିବା ପାଇଁ ________ଟି ପାଦ ଆଗକୁ ବଢ଼ାଇବ ଏବଂ ହଳଦିଆ ରଙ୍ଗର ଫୁଲରେ ପହଞ୍ଚିବା ପାଇଁ ________ଟି ପାଦ ଆଗକୁ ବଢ଼ାଇବ ।

ଗ. ଗୁଣ୍ଡୁଚିମୂଷା ୨ ପାଦ ପଛକୁ, ୫ ପାଦ ଆଗକୁ ଏବଂ ପୁଣି ୭ ପାଦ ପଛକୁ ଯାଏ । ଏହା ________ରେ ପହଞ୍ଚିବ ।

ଘ. ବେଙ୍ଗଟି ________ରେ ପହଞ୍ଚିବା ପାଇଁ ୨ ପାଦ ଆଗକୁ ଡେଇଁ, ୭ ପାଦ ପଛକୁ ଏବଂ ପୁଣି ୩ ପାଦ ପଛକୁ ଡେଇଁବ ।








## ମୋ ସଂଖ୍ୟାଟି ଅନୁମାନ କର ।

ଜଣେ ପିଲା ୧ ରୁ ୧୦୦ ମଧ୍ୟରେ ଗୋଟିଏ ସଂଖ୍ୟା ଭାବିବ । ଅନ୍ୟ ପିଲାମାନେ ଏହାକୁ ଅନୁମାନ କରିବେ । ପିଲାମାନେ ଏହିଭଳି ପ୍ରଶ୍ନ ପଚାରିବେ, ଏହା ୫୦ରୁ ଅଧିକ କି ? ସଂଖ୍ୟାର ଦୁଇଟି ଅଙ୍କ ସମାନ କି ? ପ୍ରଶ୍ନଗୁଡ଼ିକର ଉତ୍ତର 'ହଁ / ନା'ରେ ଦିଆଯିବ । ସଂଖ୍ୟାଟିକୁ ଅନୁମାନ କରିବାକୁ ସେମାନେ ସର୍ବାଧିକ ୧୦ଟି ପ୍ରଶ୍ନ ପଚାରିପାରିବେ ।




## ମୋର ସ୍ଥାନ ଅନୁମାନ କର ।

ଗୋଟିଏ ସଂଖ୍ୟା ଧାଡ଼ିରେ ୩ଟି ପିମ୍ପୁଡ଼ି ବସିଛନ୍ତି । ଏହି ପିମ୍ପୁଡ଼ିଗୁଡ଼ିକ ପାଇଁ ସଂଖ୍ୟା ଲେଖ ।




**କଳା** ପିମ୍ପୁଡ଼ି ______ ସଂଖ୍ୟା ଉପରେ ବସିଛି ।

**ଲାଲ** ପିମ୍ପୁଡ଼ି ______ ସଂଖ୍ୟା ଉପରେ ବସିଛି ।


**ମାଟିଆ** ପିମ୍ପୁଡ଼ି ______ ସଂଖ୍ୟା ଉପରେ ବସିଛି ।


ଉପରେ ଦେଖାଯାଇଥିବା ସଂଖ୍ୟା ଧାଡ଼ିରେ ୬୫ ଉପରେ ଗୋଟିଏ ପିମ୍ପୁଡ଼ିର ଚିତ୍ର ଅଙ୍କନ କର ।

ଉପରୋକ୍ତ ସଂଖ୍ୟା ଧାଡ଼ିରେ ୭୯ ଠାରେ ଏକ ▢ ଚିତ୍ର ଅଙ୍କନ କର ।




## ଆସ ଦେଖିବା, ବେଙ୍ଗ କେମିତି ଡେଉଁଛି । ତୁମେ ଏଠାରେ ଏକ ସଂରଚନା ଦେଖୁଛ କି ?






## ନିମ୍ନ ସଂରଚନାଗୁଡ଼ିକୁ ସମ୍ପୂର୍ଣ୍ଣ କର ।




କ. ୧, ୪, ୭, ________, ________, ________, ________





ଖ. ୪୦, ୪୫, ୫୦, ________, ________, ________, ________




ଗ. ୫୦, ୬୦, ________, ________, ________

ପିଲାମାନଙ୍କୁ ଭୂମିରେ ସଂଖ୍ୟାରେଖା ତିଆରି କରିବାକୁ ଉତ୍ସାହିତ କରନ୍ତୁ ଏବଂ ସେମାନଙ୍କୁ ଏହା ଉପରେ ଡେଇଁବାକୁ କୁହନ୍ତୁ । ସେମାନଙ୍କୁ ପ୍ରଶ୍ନ ପଚାରନ୍ତୁ- ଯଦି ତୁମେ ଦୁଇ ଦୁଇଟି କରି ଡ଼େଇଁବ, ତେବେ କେଉଁ ସଂଖ୍ୟାଗୁଡ଼ିକରେ ପହଞ୍ଚିବ ?





## ଆସ କାମଟିକୁ କରିବା

କ. ସଂଖ୍ୟା ତାଲିକାରେ ଦୁଇ, ଦୁଇଟି ସଂଖ୍ୟାର ଡିଆଁ ଗଣନା କରି ◯ ଚିହ୍ନ ଓ ପାଞ୍ଚ ପାଞ୍ଚଟି ସଂଖ୍ୟାର ଡ଼ିଆଁ ଗଣନା କରି △ ଚିହ୍ନ ଦିଅ ।

ଖ. ଦୁଇ ଏବଂ ପାଞ୍ଚ ଡିଆଁ ଗଣନାରେ ଆସୁଥିବା ସାଧାରଣ ସଂଖ୍ୟାଗୁଡ଼ିକୁ ଲେଖ ।

____________________

ଗ. ଦୁଇ, ତିନି ଏବଂ ପାଞ୍ଚ ଡିଆଁ ଗଣନାରେ ଆସୁଥିବା ସାଧାରଣ ସଂଖ୍ୟାଗୁଡ଼ିକୁ ଲେଖ ।

____________________

ଘ. ପାଞ୍ଚ ଏବଂ ସାତ ଡିଆଁ ଗଣନାରେ ଆସୁଥିବା ସାଧାରଣ ସଂଖ୍ୟାଗୁଡ଼ିକୁ ଲେଖ ।

____________________

| | | | | | | | | | |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | ୩୨ | ୩୩ | ୩୪ | ୩୫ | ୩୬ | ୩୭ | ୩୮ | ୩୯ | ୪୦ |
| ୪୧ | ୪୨ | ୪୩ | ୪୪ | ୪୫ | ୪୬ | ୪୭ | ୪୮ | ୪୯ | ୫୦ |
| ୫୧ | ୫୨ | ୫୩ | ୫୪ | ୫୫ | ୫୬ | ୫୭ | ୫୮ | ୫୯ | ୬୦ |
| ୬୧ | ୬୨ | ୬୩ | ୬୪ | ୬୫ | ୬୬ | ୬୭ | ୬୮ | ୬୯ | ୭୦ |
| ୭୧ | ୭୨ | ୭୩ | ୭୪ | ୭୫ | ୭୬ | ୭୭ | ୭୮ | ୭୯ | ୮୦ |
| ୮୧ | ୮୨ | ୮୩ | ୮୪ | ୮୫ | ୮୬ | ୮୭ | ୮୮ | ୮୯ | ୯୦ |
| ୯୧ | ୯୨ | ୯୩ | ୯୪ | ୯୫ | ୯୬ | ୯୭ | ୯୮ | ୯୯ | ୧୦୦ |

## ଡେଇଁପଡ଼ ଏବଂ ଉତ୍ତର ଖୋଜ । 'ହଁ' କିମ୍ବା 'ନା' ଲେଖ ।

ଭୂମିରେ ଏକ ସଂଖ୍ୟାରେଖା ଅଙ୍କନ କର ଏବଂ ଏହା ଉପରେ ଡେଇଁପଡ଼ ।


କ. ଯଦି ତୁମେ ୧୦ରୁ ଡେଇଁବା ଆରମ୍ଭ କର ଏବଂ ଦଶ ଦଶ ଗଣି ଡେଇଁବ, ତେବେ ତୁମେ ୧୦୦ ସଂଖ୍ୟାରେ ପହଞ୍ଚିବ କି ?

ଖ. ଯଦି ତୁମେ ୫ରୁ ଡ଼େଇଁବା ଆରମ୍ଭ କର ଏବଂ ପାଞ୍ଚ ପାଞ୍ଚ ଗଣି ଡେଇଁବ, ତେବେ ତୁମେ ୪୦ ସଂଖ୍ୟାରେ ପହଞ୍ଚିବ କି ?

ଗ. ଯଦି ତୁମେ ୦ରୁ ଡେଇଁବା ଆରମ୍ଭ କର ଏବଂ ପାଞ୍ଚ ପାଞ୍ଚ ଗଣି ଡେଇଁବ, ତେବେ ତୁମେ ୫୫ ସଂଖ୍ୟାରେ ପହଞ୍ଚିବ କି ?


ଘ. ଯଦି ତୁମେ ୪ରୁ ଡେଇଁବା ଆରମ୍ଭ କର ଏବଂ ଦୁଇ ଦୁଇ ଗଣି ଡେଇଁବ ତେବେ ତୁମେ ୧୭ ସଂଖ୍ୟାରେ ପହଞ୍ଚିବ କି ?

ଙ. ଯଦି ତୁମେ ୧୩ରୁ ଡେଇଁବା ଆରମ୍ଭ କର ଏବଂ ତିନି ତିନି ଗଣି ଡେଇଁବ ତେବେ ତୁମେ ୨୪ ସଂଖ୍ୟାରେ ପହଞ୍ଚିବ କି ?



## ଆସ ପଛକୁ ଡେଇଁବା


ନିମ୍ନ ସଂରଚନାଗୁଡ଼ିକୁ ସମ୍ପୂର୍ଣ୍ଣ କର ।





୧୦ର ଠିକ୍ ପୂର୍ବରୁ କେଉଁ ସଂଖ୍ୟା ଆସେ ?

୯ର ଠିକ୍ ପୂର୍ବରୁ କେଉଁ ସଂଖ୍ୟା ଆସେ ?


୧୦, ୯, ୮, ___, ___, ___, ___, ___, ___, ___





କ. ୪୦, ୩୭, ୩୪, ___, ___, ___, ___, ___, ___, ___, ___




ଖ. ୭୦, ୬୫, ୬୦, ___, ___, ___, ___, ___, ___




ଗ. ୧୦୦, ୯୦, ___, ___, ___




ଘ. ୧୦୦, ୮୦, ___, ___

ତଳେ ଦିଆଯାଇଥିବା ସଂଖ୍ୟାଗୁଡ଼ିକରେ ଏକ ସଂରଚନା ଅଛି କି ? ଯଦି ନାହିଁ, ଏକ ସଂରଚନା ସୃଷ୍ଟି କରିବାକୁ ସଂଖ୍ୟାଗୁଡ଼ିକୁ ପରିବର୍ତ୍ତନ କର । ଯଦି ହଁ, ଏହାକୁ ଆହୁରି ଆଗକୁ ବଢ଼ାଅ ।

୧୦୦, ୯୦, ୮୦, ୭୦, ୬୦, ___, ___, ___





## ଆସ କଥା ହେବା

କ. ସୁମେଧା ୨୦ ଠାରୁ ଆଗକୁ ସଂଖ୍ୟା ଗଣନା କରୁଛି । ସେ ତା'ର ଗଣନାରେ ୧୯ ସଂଖ୍ୟା କହିବ କି ? କାହିଁକି ବୁଝାଅ ।

ଖ. ମାମୁନି ୧୦ ଠାରୁ ଆଗକୁ ଦୁଇ ଦୁଇଟି ଛାଡ଼ି ସଂଖ୍ୟା ଗଣନା କରୁଛି । ସେ ୪୩ କହିବ କି ? କାହିଁକି ବୁଝାଅ ।

ଗ. ମାଳା ୨୦ରୁ ପଛ ସଂଖ୍ୟାଗୁଡ଼ିକ ଗଣୁଛି । ୦ରେ ପହଞ୍ଚିବା ପାଇଁ କେତୋଟି ସଂଖ୍ୟା ଗଣିବାକୁ ପଡ଼ିବ ? ତୁମେ କହିପାରିବ କି ?

ଘ. ବିରାଜ ୨୦ରୁ ଦୁଇ ଦୁଇ ସଂଖ୍ୟା ପଛକୁ ଗଣୁଛି । ୦ରେ ପହଞ୍ଚିବା ପାଇଁ ସେ କେତୋଟି ସଂଖ୍ୟା ଗଣିବ, ଆଲୋଚନା କର ।

## ସଂଖ୍ୟା ଚାର୍ଟରେ ସଂରଚନା

| | | | | | | | | | |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | ୩୨ | ୩୩ | ୩୪ | ୩୫ | ୩୬ | ୩୭ | ୩୮ | ୩୯ | ୪୦ |
| ୪୧ | ୪୨ | ୪୩ | ୪୪ | ୪୫ | ୪୬ | ୪୭ | ୪୮ | ୪୯ | ୫୦ |
| ୫୧ | ୫୨ | ୫୩ | ୫୪ | ୫୫ | ୫୬ | ୫୭ | ୫୮ | ୫୯ | ୬୦ |
| ୬୧ | ୬୨ | ୬୩ | ୬୪ | ୬୫ | ୬୬ | ୬୭ | ୬୮ | ୬୯ | ୭୦ |
| ୭୧ | ୭୨ | ୭୩ | ୭୪ | ୭୫ | ୭୬ | ୭୭ | ୭୮ | ୭୯ | ୮୦ |
| ୮୧ | ୮୨ | ୮୩ | ୮୪ | ୮୫ | ୮୬ | ୮୭ | ୮୮ | ୮୯ | ୯୦ |
| ୯୧ | ୯୨ | ୯୩ | ୯୪ | ୯୫ | ୯୬ | ୯୭ | ୯୮ | ୯୯ | ୧୦୦ |





## ଆସ କାମଟିକୁ କରିବା

**ସଂଖ୍ୟା ଚାର୍ଟକୁ ଦେଖ ଏବଂ ଉତ୍ତରଗୁଡ଼ିକ ଲେଖ ।**

☐ ଠିକ୍ ୧୦ ପୂର୍ବରୁ ଆସେ ।  ☐ ଠିକ୍ ୨୦ ପୂର୍ବରୁ ଆସେ ।

☐ ଠିକ୍ ୩୦ ପୂର୍ବରୁ ଆସେ ।  ☐ ଠିକ୍ ୪୦ ପୂର୍ବରୁ ଆସେ ।

ତୁମେ ଏଥିରେ କୌଣସି ସଂରଚନା ଦେଖୁଛ କି ? ସଂଖ୍ୟା ଚାର୍ଟରେ ସଂଖ୍ୟାଗୁଡ଼ିକୁ ଗୋଲ ବୁଲାଅ । ଅନ୍ୟ ସଂଖ୍ୟା ପାଇଁ ସଂରଚନା ଜାରି ରହିଛି କି ? ଯଦି ହଁ, ସଂରଚନାକୁ ଲେଖ ।

____, ____, ____, ____, ____, ____, ____, ____, ____, ____

ବର୍ତ୍ତମାନ, ସଂଖ୍ୟା ଚାର୍ଟରେ ସବୁଜ ରଙ୍ଗର ସଂଖ୍ୟାଗୁଡ଼ିକୁ ଦେଖ । ସେଗୁଡ଼ିକୁ ଲେଖ ।

୧, ୧୨, ୨୩, ____, ____, ____, ____, ____, ____, ____

ତୁମେ କେଉଁ ସଂରଚନା ଲକ୍ଷ୍ୟ କରୁଛ ? ଆଲୋଚନା କର ।

ଲକ୍ଷ୍ମଣ ଏକ **ସଂଖ୍ୟା ଝରକା** ତିଆରି କରି ନିମ୍ନରେ ଦେଖାଯାଇଥିବା ପରି ଏହାକୁ ସଂଖ୍ୟା ଚାର୍ଟରେ ରଖିଲେ ।


କ. ଯଦି ଝରକାର ମଧ୍ୟଭାଗରେ ୨୮ ଲେଖାଯାଏ, ତେବେ କେଉଁ ସଂଖ୍ୟା ଏହାର ଉପରେ ରହିବ ? ☐

ଖ. କେଉଁ ସଂଖ୍ୟା ଏହାର ତଳେ ରହିବ ? ☐

ଗ. କେଉଁ ସଂଖ୍ୟା ଏହାର ଡାହାଣ ପାର୍ଶ୍ୱରେ ରହିବ ? ☐

ଘ. କେଉଁ ସଂଖ୍ୟା ଏହାର ବାମ ପାର୍ଶ୍ୱରେ ରହିବ ? ☐

| | | | | | | | | | |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | | ୧୦ କମ୍ | | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୧ କମ୍ | ୨୮ | ୧ ଅଧିକ | ୩୦ |
| ୩୧ | ୩୨ | ୩୩ | ୩୪ | ୩୫ | ୩୬ | | ୧୦ ଅଧିକ | | ୪୦ |
| ୪୧ | ୪୨ | ୪୩ | ୪୪ | ୪୫ | ୪୬ | ୪୭ | ୪୮ | ୪୯ | ୫୦ |
| ୫୧ | ୫୨ | ୫୩ | ୫୪ | ୫୫ | ୫୬ | ୫୭ | ୫୮ | ୫୯ | ୬୦ |
| ୬୧ | ୬୨ | ୬୩ | ୬୪ | ୬୫ | ୬୬ | ୬୭ | ୬୮ | ୬୯ | ୭୦ |
| ୭୧ | ୭୨ | ୭୩ | ୭୪ | ୭୫ | ୭୬ | ୭୭ | ୭୮ | ୭୯ | ୮୦ |
| ୮୧ | ୮୨ | ୮୩ | ୮୪ | ୮୫ | ୮୬ | ୮୭ | ୮୮ | ୮୯ | ୯୦ |
| ୯୧ | ୯୨ | ୯୩ | ୯୪ | ୯୫ | ୯୬ | ୯୭ | ୯୮ | ୯୯ | ୧୦୦ |



୧. ଆସ ଅନ୍ୟ ସଂଖ୍ୟା ପାଇଁ ଏହା କରିବା ।

୫୩

୨୬

୭୪

୨. ସମାନ ସଂଖ୍ୟା ଗ୍ରୀଡ଼ୁ ବ୍ୟବହାର କରି ଛାଡ଼ି ଯାଇଥିବା ସଂଖ୍ୟାଗୁଡ଼ିକ ପୂରଣ କର ।

୮

୫୭

୪୬

୬୯

୧୬

୩୨

୬୫


୩୬

୫୫




## ସଂରଚନାକୁ ଖୋଜ

ନିମ୍ନରେ ଦର୍ଶାଯାଇଥିବା ଆକୃତିଗୁଡ଼ିକରେ ବ୍ଲକସଂଖ୍ୟା କିପରି ବୃଦ୍ଧି ପାଉଛି ତାହା ନିରୀକ୍ଷଣ କର ଏବଂ ସଂରଚନାକୁ ଆଗକୁ ବଢ଼ାଅ ।

କ. 


୧ ୩ ୬

______ ______

ଖ. 

୧ ୪ ୯

______ ______


ଗ. 

୫ ୮

______ ______



## ଆସ ବିଙ୍ଗୋ ଖେଳିବା

**'ବିଙ୍ଗୋ'** ଖେଳିବା ପାଇଁ ୩ × ୪ ଗ୍ରୀଡ଼  ପ୍ରସ୍ତୁତ କର ।

ଗ୍ରୀଡ଼ର କୋଠରିଗୁଡ଼ିକରେ ୨ରୁ ୧୨ ପର୍ଯ୍ୟନ୍ତ ସଂଖ୍ୟା ଲେଖ । ସଂଖ୍ୟାଗୁଡ଼ିକ ପୁନରାବୃତ୍ତି ହୋଇପାରେ ।

ଗୋଟିଏ ପିଲାକୁ ଦୁଇଟି ଲୁଡୁ ଗୋଟି ପକାଇବାକୁ ଦିଅ ଏବଂ ଗୋଟି ଉପରେ ଥିବା ବିନ୍ଦୁଗୁଡ଼ିକ ଗଣି ସଂଖ୍ୟା ଦୁଇଟି ମିଶାଇବାକୁ କୁହ । ଅନ୍ୟ ପିଲାମାନେ ସେମାନଙ୍କ ଗ୍ରୀଡ଼ରେ ସେହି ସଂଖ୍ୟାକୁ (×) ଚିହ୍ନ ଦେବେ । ପିଲା ସମସ୍ତ ସଂଖ୍ୟାକୁ (×) କରିବା ପର୍ଯ୍ୟନ୍ତ ଏହି ଖେଳକୁ ଜାରି ରଖ । ବିଙ୍ଗୋ !

ଗ୍ରୀଡ଼ରେ ସଂଖ୍ୟା ଲେଖିବା ପାଇଁ ପିଲାମାନଙ୍କୁ ସେମାନଙ୍କର କୌଶଳ ପ୍ରସ୍ତୁତ କରିବାକୁ ଉତ୍ସାହିତ କରନ୍ତୁ ।






# ୪ ଛାୟାର କାହାଣୀ




ନକୁଳ ଏବଂ ତା' ସାଙ୍ଗମାନେ ଗାଁ ମେଳାରେ 'ରାମ ରାବଣ ଯୁଦ୍ଧ' ନାମକ ଏକ ଛାୟା ନାଟକ ଦେଖିଥିଲେ । ସମସ୍ତେ ଛାୟା ଦେଖିବା ପାଇଁ ଆକର୍ଷିତ ହୋଇଥିଲେ ।

ସେମାନେ ମଧ୍ୟ ନିଜେ ଛାୟା ତିଆରି କରିବାକୁ ଚାହୁଁଥିଲେ । ତେଣୁ, ସେମାନେ ଆଙ୍ଗୁଠିରେ କାନ୍ଥରେ ବିଭିନ୍ନ ପଶୁର ଛାୟା ତିଆରି କଲେ । ତୁମେ ମଧ୍ୟ ଛାୟା ତିଆରି କରିବାକୁ ଚେଷ୍ଟା କରିପାରିବ ।



ପିଲାମାନଙ୍କ ସହିତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ହେଉଥିବା ଛାୟା ନାଟକ/କଣ୍ଢେଇ ନାଚ ବିଷୟରେ ଆଲୋଚନା କରନ୍ତୁ । ବିଭିନ୍ନ ପ୍ରସଙ୍ଗ ଯେପରି ବଉଳା ଗାଇ, ଶ୍ରୀକୃଷ୍ଣଙ୍କ କାଳୀୟ ଦଳନ, ରାମାୟଣ ଆଦିକୁ ଛାୟା ନାଟକ ମାଧ୍ୟମରେ ଦର୍ଶାଯାଇପାରିବ । ଛାୟା ନାଟକ ମାଧ୍ୟମରେ ଗଣିତ ସହିତ ଅନ୍ୟାନ୍ୟ ବିଷୟ ମଧ୍ୟ ଶିକ୍ଷାଦାନ କରାଯାଇପାରିବ ।



## ଆସ କାମଟିକୁ କରିବା

ବିଭିନ୍ନ ଜୀବଜନ୍ତୁଙ୍କ ଛାୟା ତିଆରି କରି ସେମାନଙ୍କ ଭଳି ଶବ୍ଦ କରି ଅଭିନୟ କର ।


## ଆସ କଥା ହେବା

କ.  ତୁମେ ନିଜର ଛାୟା କିମ୍ବା ଗଛ, କୁକୁର, ଗାଈ, ଅନ୍ୟ କୌଣସି ପ୍ରାଣୀର ଛାୟା ଦେଖିଛ କି ?

ଖ.  ଆମେ କେତେବେଳେ ଏକ ଛାୟା ଦେଖୁ ?

ଗ.  ଛାୟା କେତେବେଳେ ଦେଖାଯାଏ ନାହିଁ ?

### ଛାୟା ସହିତ ମଜା



ବର୍ତ୍ତମାନ ତୁମ ଚାରିପାଖରେ ଥିବା ବସ୍ତୁଗୁଡ଼ିକ ଉପରେ ଟର୍ଚ୍ଚ ଲାଇଟ ଜଳାଇ ରଖ ଏବଂ ସେଗୁଡ଼ିକର ଛାୟାର ଆକୃତିଗୁଡ଼ିକୁ ଲକ୍ଷ୍ୟ କର ।

କ.  ଟର୍ଚ୍ଚର ଅବସ୍ଥିତି ବଦଳାଇବା ଦ୍ୱାରା ଛାୟାର ଆକାର ପରିବର୍ତ୍ତନ ହୁଏ କି ?

ଖ.  ଦିନର କେଉଁ ସମୟରେ ତୁମର ଛାୟା ସବୁଠାରୁ ବଡ଼ ଦେଖାଯାଏ ?

ଗ.  ଦିନର କେଉଁ ସମୟରେ ତୁମର ଛାୟା ସବୁଠାରୁ ସାନ ଦେଖାଯାଏ ?

ଦିନର ବିଭିନ୍ନ ସମୟରେ ପିଲାମାନେ ପର୍ଯ୍ୟବେକ୍ଷଣ କରିଥିବା ନିଜର ଛାୟା ବିଷୟରେ ଏବଂ ଏହାର କାରଣ ବିଷୟରେ ଆପଣ ପିଲାମାନଙ୍କ ସହିତ ଆଲୋଚନା କରନ୍ତୁ ।





## ଆସ ଆଙ୍କିବା

୧. ତୁମ ଚାରିପାଖରେ ଥିବା ବସ୍ତୁ ଯେପରି ରବର, ପତ୍ର, ଦିଆସିଲି ଖୋଳ, ପେନ୍‌ସିଲ କଟର, ରଙ୍ଗୀନ ପେନ୍‌ସିଲ ଆଦିକୁ କାଗଜ ଉପରେ ରଖ । ବସ୍ତୁର ଚାରିପାଖକୁ ପେନ୍‌ସିଲ ଦ୍ୱାରା ଆଙ୍କ ।



୨. ଅଙ୍କିତ ଚିହ୍ନ ଉପରେ ବସ୍ତୁ ଗୁଡ଼ିକର ଆକୃତି ଅଙ୍କନ କର ।



## ଆସ ଚିନ୍ତା କରିବା

ବସ୍ତୁଗୁଡ଼ିକର ନାମ ଲେଖ, ଯାହାର ସମାନ ଆକୃତି ଅଛି:

କ. ବୋତଲ ଠିପି

ଖ. ରବର



## ଲୁଚକାଳି ଖେଳ

ବୃତ୍ତ ◯ ଏବଂ ଆୟତଚିତ୍ର ▭ ଲୁଚକାଳି ଖେଳୁଛନ୍ତି । ଆୟତଚିତ୍ର ବୃତ୍ତଠାରୁ ଲୁଚି ରହୁଛି ।










ତୁମେ କେଉଁଠାରେ ଅଛ ? ତୁମେ ଟିଭି ପଛରେ ଅଛ କି ?
ମୁଁ ତୁମକୁ ପାଇଗଲି ! ତୁମେ ଜୋତା ବାକ୍ସ ପଛରେ ଅଛ ।
ବର୍ତ୍ତମାନ ମୋର ପାଳି ୧, ୨, ୩... ୧୦
ମୁଁ କେଉଁଠାରେ ଲୁଚିବି ?
ଘଣ୍ଟି ବାଜିଲା, କବାଟ ଖୋଲିଲା । ତ୍ରିଭୁଜ ଏବଂ ବର୍ଗଚିତ୍ର ଆସି ଖେଳରେ ଯୋଗ ଦେଲେ ।

## ବର୍ତ୍ତମାନ ସମସ୍ତେ ଏକାଠି ଖେଳୁଛନ୍ତି ।

୧. ଘଣ୍ଟା, ବଲ୍, ________, ________ ରେ ବୃତ୍ତ ○ ଲୁଚିପାରେ ।


୨. ଜୋତା ବାକ୍ସ, ଫଟୋ ଫ୍ରେମ, ______, ______ ରେ ଆୟତଚିତ୍ର ▭ ଲୁଚିପାରେ ।

୩. କିନ୍ତୁ ତ୍ରିଭୁଜ △ ଏବଂ ବର୍ଗଚିତ୍ର □ ଦ୍ୱନ୍ଦ୍ୱରେ ଅଛନ୍ତି ଏବଂ ଚିନ୍ତା କରୁଛନ୍ତି ଯେ ବର୍ତ୍ତମାନ କେଉଁଠାରେ ଲୁଚିବେ । ସେମାନେ କେଉଁ ସ୍ଥାନରେ ଲୁଚିବେ, ପରାମର୍ଶ ଦିଅ ।


କ. ତ୍ରିଭୁଜ △ ________, ________ ରେ ଲୁଚି ରହିପାରେ ।

ଖ. ବର୍ଗଚିତ୍ର □ ________, ________ ରେ ଲୁଚି ରହିପାରେ ।

## କାର୍ପେଟ୍‌କୁ ରଙ୍ଗ କର ।



ତ୍ରିଭୁଜଗୁଡ଼ିକୁ ଲାଲ ରଙ୍ଗ କର ।



ବୃତ୍ତଗୁଡ଼ିକୁ ସବୁଜ ରଙ୍ଗ କର ।



ଆୟତଚିତ୍ରଗୁଡ଼ିକୁ ହଳଦିଆ ରଙ୍ଗ କର ।



ବର୍ଗଚିତ୍ରଗୁଡ଼ିକୁ ନୀଳ ରଙ୍ଗ କର ।



## ବିଭିନ୍ନ ଆକୃତିକୁ ନେଇ ଚିତ୍ର ଅଙ୍କନ କର ଓ ସେଥିରେ ରଙ୍ଗ ଦିଅ ।



## ଆସ ଖେଳିବା – କୋଣରେ କିଏ ?

ଆଦିତ୍ୟ ଓ ତା'ର ସାଙ୍ଗମାନେ ଗୋଟିଏ ଖେଳ ଖେଳୁଛନ୍ତି । ଆଦିତ୍ୟ କାନ୍ଥ ଆଡ଼କୁ ଠିଆ ହୋଇ କରତାଳି ଦେଉଛି । ସେ କରତାଳି ଦେଉଥିବା ବେଳେ ତା' ସାଙ୍ଗମାନେ ଟେବୁଲ ପାର୍ଶ୍ୱରେ ଦୌଡୁଛନ୍ତି । ଯେତେବେଳେ ସେ କରତାଳି ବନ୍ଦ କରେ, ସମସ୍ତେ ଅଟକି ଯାଆନ୍ତି । ସେତେବେଳେ ଯେଉଁ ପିଲାଟି କୋଣରେ ନାହିଁ ସେ ବାହାରକୁ ଆସିବ । ତା'ପରେ ସେହି ପିଲାଟି କରତାଳି ଦେବ ଏବଂ ଖେଳ ଚାଲିବ ।




### ଚିତ୍ରକୁ ଦେଖ ଏବଂ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

୧. ଟେବୁଲର କୋଣ ନିକଟରେ ଠିଆ ହୋଇଥିବା ପିଲାମାନଙ୍କର ନାମ କୁହ ।
୨. ତୁମେ କହିପାରିବ କି ପରବର୍ତ୍ତୀ ସମୟରେ କିଏ କରତାଳି ଦେବ ?
୩. ଓ୍ୱାସିମ୍ କେଉଁଠାରେ ଠିଆ ହୋଇଛି ?
୪. ଏହି ଖେଳଟି ଗୋଲାକାର ଟେବୁଲ ଚାରିପାଖରେ ଖେଳାଯାଇପାରିବ କି ? କାହିଁକି ?
୫. ଆମ ଚାରିପାଖରେ ଥିବା ବସ୍ତୁଗୁଡ଼ିକର ନାମ କୁହ, ଯାହାର ସିଧା ଧାର ଅଛି ।
୬. ଆମ ଚାରିପାଖରେ ଥିବା ଅନେକ ବସ୍ତୁର ବକ୍ର ଧାର ଅଛି । କେତେକ ନିମ୍ନରେ ଦର୍ଶାଯାଇଛି । ଏହିପରି ତୁମ ଚାରିପାଖରେ ଦେଖିଥିବା ବସ୍ତୁଗୁଡ଼ିକର ନାମ କୁହ ।












## ଆସ ଚିନ୍ତା କରିବା

୧. ବକ୍ର ଧାର ଥିବା ବସ୍ତୁର କେତୋଟି କୋଣ ଅଛି ? ______

୨. ଉଭୟ ସିଧା ଏବଂ ବକ୍ର ଧାର ଥିବା ବସ୍ତୁଗୁଡ଼ିକର ନାମ ଲେଖ ।

______ ______ ______


### କାଗଜ ଭଙ୍ଗା ଖେଳର ମଜା !



- ଗୋଟିଏ କାଗଜ ନିଅ ଏବଂ ଏହାକୁ ବର୍ଗାକୃତି କରିବା ପାଇଁ ଭାଙ୍ଗ ।
- ଏହାର ______ ଟି କୋଣ ଏବଂ ______ ଟି ଧାର ଅଛି ।
- ଦୁଇଟି କୋଣକୁ ଯୋଡ଼ି ଏହାକୁ ଅଧା କରି ଭାଙ୍ଗ । ଯେପରି ଚିତ୍ରରେ ଦେଖାଯାଇଛି ।
- ତୁମେ ପାଇଥିବା ଆକୃତିକୁ ଠିକ୍ ✓ ଚିହ୍ନ ଦିଅ ।

  ୧. ● ୨. ■ ୩. ▲
- ଏହି ଆକୃତିରେ ______ ଟି କୋଣ ଏବଂ ______ ଟି ଧାର ଅଛି ।
- ଆଉ ଏକ ତ୍ରିଭୁଜ ପାଇବା ପାଇଁ କାଗଜକୁ ପୁଣି ଅଧା କରି ଭାଙ୍ଗ ଓ ତା'ପରେ ଖୋଲ ।
- ବର୍ତ୍ତମାନ ତ୍ରିଭୁଜର ଦୁଇଟି କୋଣରେ ଦୁଇଟି ତ୍ରିଭୁଜ ତିଆରି କର ।
- ବର୍ତ୍ତମାନ ମିଳିଥିବା ଆକୃତିରେ କେତୋଟି କୋଣ ଅଛି ? ______
- ତୃତୀୟ କୋଣକୁ ଉପରକୁ ଭାଙ୍ଗ କର ଏବଂ ଚିତ୍ରରେ ଦେଖାଯାଇଥିବା ପରି ନାକ ଏବଂ ଆଖି ତିଆରି କର ।

**ତୁମ କାଗଜର କୁକୁର ପ୍ରସ୍ତୁତ ହୋଇଗଲା !**



ତୁମେ ବର୍ଗାକାର କାଗଜକୁ ଭାଙ୍ଗି କ'ଣ ଚାରି ପାର୍ଶ୍ୱ ବିଶିଷ୍ଟ ଏକ ଆକୃତି କରିପାରିବ ? ବର୍ତ୍ତମାନ ଏହାର କେତୋଟି କୋଣ ଅଛି ?

ପିଲାମାନଙ୍କୁ ସେମାନଙ୍କ ଚାରିପାଖରେ ଥିବା ବିଭିନ୍ନ ବସ୍ତୁ ଅନୁସନ୍ଧାନ କରିବାକୁ କୁହନ୍ତୁ ଏବଂ ସେଗୁଡ଼ିକର ଧାର, କୋଣ ଏବଂ ପାର୍ଶ୍ୱର ସଂଖ୍ୟା ଗଣିବାକୁ କୁହନ୍ତୁ ।



# ସଂରଚନା

୧. ବିଭିନ୍ନ ଆକୃତିର ବସ୍ତୁଗୁଡ଼ିକରେ ଛାପ ଦେଇ ଡିଜାଇନ୍ ପ୍ରସ୍ତୁତ କର- ବୋତଲଠିପି, ରବର, ପେନ୍‌ସିଲ, ମୁଦ୍ରା ଇତ୍ୟାଦି ।



୨. ରାଧା ହାତରେ ମେହେନ୍ଦୀ ଲଗାଇଛି । ତୁମେ କାଗଜ ଉପରେ ନିଜ ହାତର ଛାପ ନିଅ ଏବଂ ସେଥିରେ ମେହେନ୍ଦୀ ଡିଜାଇନ୍ ପ୍ରସ୍ତୁତ କର ।








## ଆସ କାମଟିକୁ କରିବା

ରାକେଶ ପତ୍ର ସହିତ ଖେଳୁଛି ଏବଂ ସଂରଚନା ତିଆରି କରୁଛି ।





ବର୍ତ୍ତମାନ ତୁମେ ମଧ୍ୟ କିଛି ପତ୍ର ସଂଗ୍ରହ କରି ଏକ ସଂରଚନା ତିଆରି କର । ପତ୍ରର ଗୋଟିଏ ପାର୍ଶ୍ୱକୁ ରଙ୍ଗ କର ଏବଂ ନିମ୍ନରେ ଦିଆଯାଇଥିବା ସ୍ଥାନରେ ଏହାକୁ ଛାପ ।


## ପ୍ରକଳ୍ପ କାର୍ଯ୍ୟ


ତୁମ ଘର କିମ୍ବା ଶ୍ରେଣୀଗୃହକୁ ସଜାଇବା ପାଇଁ ବଡ଼ମାନଙ୍କ ସାହାଯ୍ୟରେ ବିଭିନ୍ନ ଆକୃତିର ବସ୍ତୁକୁ କାଟି ଏକ କାନ୍ଥରେ ଟାଙ୍ଗି ସଜାଅ ।


# ନିମ୍ନ ସଂରଚନାଗୁଡ଼ିକୁ ଆଗକୁ ବଢ଼ାଅ ।


୧. 

୨. 

୩. 


୪. 

୫. 

୬. 

୭. 


୮. କଖ ଖଗ ଗଘ ଘଙ

୯. 



କିକୁ ନାମକ ଗୋଟିଏ ଠେକୁଆ ଚତୁର୍ଥ ଟାଇଲ୍ ଉପରେ ଡେଇଁପଡ଼ିଲା । ଆଗକୁ କୁଆଡ଼େ ଡେଇଁବାକୁ ହେବ ସେ ଭୁଲିଗଲା । ପରବର୍ତ୍ତୀ ଟାଇଲ୍ ଉପରେ ଏକ ଗୋଲ ◯ ଆଙ୍କି ତାକୁ ସାହାଯ୍ୟ କର ।

୧, ୪, ______, ______, ______, ______, ______, ______




କିକୁର ମାଆ ମଧ୍ୟ ଷଷ୍ଠ ଟାଇଲକୁ ଡେଇଁଲେ । ପରବର୍ତ୍ତୀ ଟାଇଲଗୁଡ଼ିକରେ ✕ ଚିହ୍ନ ଦେଇ ତାଙ୍କୁ ସାହାଯ୍ୟ କର ।

୧, ୬, ୧୧, ______, ______, ______, ______, ______



## ଆସ କାମଟିକୁ କରିବା

**ନିମ୍ନଲିଖିତ ସଂଖ୍ୟା ସଂରଚନାଗୁଡ଼ିକୁ ଆଗକୁ ବଢ଼ାଅ ।**

କ. ୫, ୧୦, ୧୫, ☐ ☐ ☐ ☐ ☐

ଖ. ୭, ୧୪, ୨୧, ☐ ☐ ☐ ☐ ☐

ଗ. ୧, ୭, ୧୩, ☐ ☐ ☐ ☐ ☐



# ୫ ଗାର ସହିତ ଖେଳିବା





## ଆସ କାମଟିକୁ କରିବା

କ. ଯେଉଁ ଆସନରେ ଭୂମି ଉପରେ ଠିଆ ହୋଇଥିବା ଭଳି ସିଧା ଗାର ଅଛି, ସେହି ଆସନ ଚାରିପଟେ ◯ ବୁଲାଅ ।

ଖ. ଉଭୟ ସିଧା ଏବଂ ତେରେଛା ଗାର ଥିବା ଆସନକୁ ଠିକ୍ ଚିହ୍ନ ✓ ଦିଅ ।

ଗ. ବକ୍ରରେଖା ଥିବା ଆସନଗୁଡ଼ିକୁ ଛକି ଚିହ୍ନ ✗ ଦିଅ ।

ଘ. ଭୂମି ଉପରେ ଶୋଇଥିବା ଭଳି ସିଧା ଗାର ଥିବା ଆସନଗୁଡ଼ିକୁ ତାରା ଚିହ୍ନ ★ ଦିଅ ।

ଙ. ଏହି ଆସନଗୁଡ଼ିକୁ ଅଭ୍ୟାସ କର । ଆସନ କରିବା ସମୟରେ ତୁମେ ଲକ୍ଷ୍ୟ କରୁଥିବା ଗାରଗୁଡ଼ିକ ସଂପର୍କରେ ତୁମ ସାଙ୍ଗମାନଙ୍କ ସହ ଆଲୋଚନା କର ।

ପିଲାମାନଙ୍କୁ ବିଭିନ୍ନ ଯୋଗାସନ କରିବାରେ ସହଯୋଗ ପ୍ରଦାନ କରନ୍ତୁ । ଯୋଗାସନ ସଂପର୍କିତ ସୂଚନା ପ୍ରଦାନ କରନ୍ତୁ ଯଥା- ପିଠି ସିଧା ରଖ, ବାହୁକୁ ସିଧା ରଖ, ପିଠିକୁ ବଙ୍କା କର, ହାତ ଓ ଗୋଡ଼ ବଙ୍କା କର ଇତ୍ୟାଦି । ପ୍ରାଚୀନ ପତଞ୍ଜଳି ଯୋଗସୂତ୍ରରେ ବର୍ଣ୍ଣିତ ଅଷ୍ଟାଙ୍ଗ ଯୋଗସୂତ୍ର ସଂପର୍କରେ ସୂଚନା ପ୍ରଦାନ କରନ୍ତୁ ।



## ସିଧା ଗାର କ'ଣ ?

ଦୁଇ ହାତରେ ଖଣ୍ଡେ ସୂତା ଧର ।



ସୂତା ସିଧା ଅଛି କି ?

ବର୍ତ୍ତମାନ ତୁମର ଦୁଇ ହାତକୁ ନିକଟତର କର ।



ସୂତା ବର୍ତ୍ତମାନ ସିଧା ଅଛି କି ?





ବର୍ତ୍ତମାନ ଏହା ଭୂମି ଉପରେ ଠିଆ ହେବା ଭଳି/ଶୋଇବା ଭଳି/ତେରେଛା ଗାର ଅଟେ ।



## ଆସ କାମଟିକୁ କରିବା


**ନିମ୍ନ ଚିତ୍ରରେ ଥିବା ସିଧା, ବଙ୍କା, ତେରେଛା ଗାରଗୁଡ଼ିକୁ ଖୋଜ ।**






## ଆସ ବିନ୍ଦୁ ସହିତ ଖେଳିବା

୧. ସିଧା, ବଙ୍କା ଓ ତେରେଛା ଗାରଗୁଡ଼ିକୁ ନେଇ ନୂଆ ଆକୃତି ଗଠନ କର ।









୨. ବଙ୍କା ଗାରଗୁଡ଼ିକ ସହାୟତାରେ ବିଭିନ୍ନ ଚିତ୍ର ଅଙ୍କନ କର ଯେପରି ବାଦଲ, ଇନ୍ଦ୍ରଧନୁ ଇତ୍ୟାଦି ।











## ଆସ କାମଟିକୁ କରିବା

୧. ନିମ୍ନରେ ଦିଆଯାଇଥିବା ଖାଲି ସ୍ଥାନରେ ଯେକୌଣସି ଦୁଇ ପ୍ରକାର ଗାର ବ୍ୟବହାର କରି ଏକ ଚିତ୍ର ଅଙ୍କନ କର ।

୨. ଯେକୌଣସି ତିନି ପ୍ରକାର ଗାର ବ୍ୟବହାର କରି ଏକ ଚିତ୍ର ଅଙ୍କନ କର ।



## ୩. ସମସ୍ତ ପ୍ରକାର ଗାର ବ୍ୟବହାର କରି ଏକ ଚିତ୍ର ଅଙ୍କନ କର ।



## ପ୍ରକଳ୍ପ କାର୍ଯ୍ୟ

### କାଗଜ ଭଙ୍ଗା ଖେଳ

ଗୋଟିଏ କାଗଜକୁ ଅଧାରୁ ଭାଙ୍ଗ । ତୁମେ କାଗଜରେ ଗୋଟିଏ ଗାର ଦେଖିପାରିବ । ପୁଣିଥରେ ଏହି କାଗଜକୁ ଭାଙ୍ଗ । ଏହିପରି ବାରମ୍ବାର ଭାଙ୍ଗ କରିବା ପରେ କାଗଜଟିକୁ ଖୋଲିଦିଅ । ସିଧା ଗାରଗୁଡ଼ିକୁ ଲାଲ ରଙ୍ଗର କ୍ରେୟନ୍ ଦ୍ୱାରା ଚିହ୍ନଟ କର ଏବଂ ତେରେଛା ଗାରଗୁଡ଼ିକୁ ନୀଳ ରଙ୍ଗର କ୍ରେୟନ୍ ଦ୍ୱାରା ଚିହ୍ନଟ କର ।

କ. ତୁମ ସାଙ୍ଗ ସହିତ ମିଶି ଏହି କାଗଜ ଭଙ୍ଗା ଖେଳ ଖେଳି କିଏ ସବୁଠାରୁ ଅଧିକ ଗାର ଚିହ୍ନଟ କରିଛନ୍ତି ସ୍ଥିର କର ।

ଖ. କାଗଜକୁ ଭାଙ୍ଗି ବଙ୍କାଗାର ତିଆରି କରିବାକୁ ଚେଷ୍ଟା କର ।

ପଶାପାଲୀ, ପଟ୍ଟଚିତ୍ର, ଓ୍ୱାର୍ଲି କିମ୍ବା ଅନ୍ୟ କୌଣସି ସ୍ଥାନୀୟ କଳା ଶୈଳୀ ବିଷୟରେ ଆଲୋଚନା କରନ୍ତୁ ଯାହା ସହିତ ସେମାନେ ପରିଚିତ । ଶିକ୍ଷକ ସ୍ଥାନୀୟ ଚିତ୍ରଶିଳ୍ପୀମାନଙ୍କୁ ପିଲାମାନଙ୍କ ସହିତ ବିଭିନ୍ନ ରେଖା ଏବଂ ଆକୃତି ଆଙ୍କିବାର ପ୍ରକ୍ରିୟା ବିଷୟରେ ଆଲୋଚନା କରିବା ପାଇଁ ନିମନ୍ତ୍ରଣ କରିପାରନ୍ତି ।







# ୬ ପର୍ବ ପାଇଁ ସାଜସଜ୍ଜା




## ପର୍ବପାଳନ ପାଇଁ ସାଜସଜ୍ଜା

ରୋହନ ଏବଂ ତା'ର ସାଙ୍ଗମାନେ ନିଜ ଘରକୁ ସଜାଇବା ପାଇଁ ଫୁଲମାଳ ଆଣିଲେ । ପ୍ରତ୍ୟେକ ରେ ୧୦ଟି ଫୁଲ ଅଛି । ଉପରୋକ୍ତ ଚିତ୍ର ସାହାଯ୍ୟରେ ନିମ୍ନରେ ଦିଆଯାଇଥିବା ସାରଣୀକୁ ପୂରଣ କର ।

| ନାମ | ସଂଖ୍ୟା | ସଂଖ୍ୟା | ମୋଟ ସଂଖ୍ୟା |
|---|---|---|---|
| ରୋହନ | ୧ | ୨ | ୧୦ + ୨ = ୧୨ |
| ସରିତା | ୩ | ୭ | ୩୦ + ୭ = ୩୭ |
| ଆକାଶ | ୪ | ୮ | ୪୦ + ୮ = ୪୮ |
| ସୋନାଲି | ୫ | | ୫୦ + ୩ = ୫୩ |
| ଜାଭେଦ୍ | | | |
| ଜୋହା | | | |

# ରୋହନ ଏବଂ ସୋନାଲି ମିଶି କେତୋଟି ଫୁଲ ବ୍ୟବହାର କରିଛନ୍ତି ?




| | | |
|---|---|---|
| ରୋହନ ଆଣିଛି | ୧ ୨ | ୧୦ + ୨ = ୧୨ |
| ସୋନାଲି ଆଣିଛି | ୫ ୩ | ୫୦ + ୩ = ୫୩ |
| ସୋନାଲି ଏବଂ ରୋହନ ଏକାଠି ଆଣିଛନ୍ତି | ୬ ୫ | ୬୦ + ୫ = ୬୫ |


| | ଦଶକ | ଏକକ |
|---|---|---|
| | ୧ | ୨ |
| + | ୫ | ୩ |
| | | |

| | ଦଶକ | ଏକକ |
|---|---|---|
| | ୧ | ୨ |
| + | ୫ | ୩ |
| | | ୫ |

| | ଦଶକ | ଏକକ |
|---|---|---|
| | ୧ | ୨ |
| + | ୫ | ୩ |
| | ୬ | ୫ |



## ଜୋହା ଏବଂ ଜାଭେଦ୍ ମୋଟ କେତୋଟି ଫୁଲ ବ୍ୟବହାର କରିଛନ୍ତି ?



| | | |
|---|---|---|
| ଜୋହା ଆଣିଛି | ୧ ୦ | ୧୦ + ୦ = ୧୦ |
| ଜାଭେଦ୍ ଆଣିଛି | ୪ ୩ | ୪୦ + ୩ = ୪୩ |
| ଜୋହା ଏବଂ ଜାଭେଦ୍ ଏକାଠି ଆଣିଛନ୍ତି | ୫ ୩ | ୫୦ + ୩ = ୫୩ |

| ଦଶକ | ଏକକ |
|---|---|
| ୪ | ୩ |
| + ୧ | ୦ |
| | |

→

| ଦଶକ | ଏକକ |
|---|---|
| ୪ | ୩ |
| + ୧ | ୦ |
| | |

→

| ଦଶକ | ଏକକ |
|---|---|
| ୪ | ୩ |
| + ୧ | ୦ |
| | |

## ଜୋହା ଏବଂ ଆକାଶ ମୋଟ କେତୋଟି ଫୁଲ ବ୍ୟବହାର କରିଛନ୍ତି ?

| | | |
|---|---|---|
| ଜୋହା ଆଣିଛି | ୧ ୦ | ୧୦ + ୦ = ୧୦ |
| ଆକାଶ ଆଣିଛି | | |
| ଜୋହା ଏବଂ ଆକାଶ ଏକାଠି ଆଣିଛନ୍ତି | | |

| ଦଶକ | ଏକକ |
|---|---|
| ୪ | ୮ |
| + ୧ | ୦ |
| | |




## ରୋହନ ଏବଂ ସରିତା ମୋଟ କେତୋଟି ଫୁଲ ବ୍ୟବହାର କରିଛନ୍ତି ?

| | | |
|---|---|---|
| ରୋହନ ଆଣିଛି | | |
| ସରିତା ଆଣିଛି | | |
| ରୋହନ ଏବଂ ସରିତା ଏକାଠି ଆଣିଛନ୍ତି | | |

## ଆସ ଏହାକୁ ସଂଖ୍ୟାମାଳିରେ କରିବା !





କ. ୨୫ + ୧୨ =




ଖ. ୫୭ + ୩୪ =


_____ ଠାରୁ _____ ମାଳି ଆଗକୁ ଗଣ ।




ଆସ ଏହି ଉପାୟଟିକୁ ବୁଝିବା ।


୫୭+୩୪ = ୫୭+୩୦+୪

୮୭+୪ = ୯୧





ଗ. ୨୪+୪୩ =


ଆମେ ୨୪ + ୪୦ + ୩ = ୬୪ + ୩ = ୬୭ ଲେଖିପାରିବା ।






## ଆମେ ଅନ୍ୟ ଏକ ଉପାୟରେ ୪୩ ସଂଖ୍ୟାଟିକୁ ପାଇପାରିବା : ୨୦+୨୦+୩






## ଏବେ ସଂଖ୍ୟାରେଖାରେ ସଂଖ୍ୟା ଯୋଗ କର।





କ. ୨୩ + ୧୪ = ୩୭





ଖ. ୨୪ + ୧୬ = ☐





ଗ. ୧୧ + ୨୨ = ☐




## ସଂଖ୍ୟାରେଖା ପଢ଼ ଏବଂ ଖାଲି କୋଠରି ପୂରଣ କର ।





କ. ୨୨ + ☐ = ୩୮




ଖ. ୧୮ + ☐ = ☐






ଗ. ☐ + ☐ = ☐

## ଏହି ସଂଖ୍ୟାଗୁଡ଼ିକ ଯୋଗ କର ।

| | | | |
|---|---|---|---|
| ୪୪ | ୫୬ | ୬ ୦ | ୫ ୨ |
| + ୨ ୩ | + ୨ ୩ | + ୨ ୫ | + ୩ ୦ |
| ____ | ____ | ____ | ____ |


## ବ୍ଲକ ସହିତ ଖେଳିବା

ମଞ୍ଜୁ ପାଖରେ କେତୋଟି ବ୍ଲକ ଅଛି । ଇଶା ତା'ର ବ୍ଲକଗୁଡ଼ିକୁ ଧରି ଖେଳିବାକୁ ଆସିଥିଲା । ଆସ ମୋଟ କେତୋଟି ବ୍ଲକ ଅଛି ତାହା ଗଣିବାରେ ସେମାନଙ୍କୁ ସାହାଯ୍ୟ କରିବା ।




**ମଞ୍ଜୁ ପାଖରେ ଥିବା ବ୍ଲକ ସଂଖ୍ୟା** **ଇଶା ପାଖରେ ଥିବା ବ୍ଲକ ସଂଖ୍ୟା**






ଏବଂ




୨ ଦଶ ୩ ଏକ ୩ ଦଶ ୮ ଏକ

+




୫ ଦଶ ୧୧ ଏକ (୧ ଦଶ ୧ ଏକ)




୬ ଦଶ ୧ ଏକ



# ଆସ ବ୍ଲକ ସଂଖ୍ୟା ନିର୍ଣ୍ଣୟ କରିବା




୩ ଦଶ ୬ ଏକ  +  ୪ ଦଶ ୭ ଏକ




୭ ଦଶ   ୧୩ ଏକ


୮ ଦଶ  ଏବଂ  ୩ ଏକ




୮୦ + ୩ = ୮୩




୪ ଦଶ ୫ ଏକ  +  ୪ ଦଶ ୯ ଏକ



୫ ଦଶ ୮ ଏକ  +  ୩ ଦଶ ୨ ଏକ



୮ ଦଶ  +  ୧ ଦଶ ୪ ଏକ



୨ ଦଶ ୬ ଏକ  +  ୪ ଦଶ ୮ ଏକ






| ଦଶକ | ଏକକ |
|---|---|
| ୩ | ୬ |
| + ୪ | ୭ |
| | |

ଏକକକୁ ଯୋଗ କରିବା

(୬ + ୭ = ୧୩)

→ ୧ ଦଶକ ଏବଂ ୩ ଏକକ

| ଦଶକ | ଏକକ |
|---|---|
| ୧ | |
| ୩ | ୬ |
| + ୪ | ୭ |
| | ୩ |

ଦଶକକୁ ଯୋଗ କରିବା

(୩ + ୪ + ୧ = ୮)

→ ୮ ଦଶକ

| ଦଶକ | ଏକକ |
|---|---|
| ୧ | |
| ୩ | ୬ |
| + ୪ | ୭ |
| ୮ | ୩ |

ଏକକ ଘରୁ ଦଶକ ଘରକୁ ସଂଖ୍ୟା ନେଇ

## ଯୋଗଫଳ ନିର୍ଣ୍ଣୟ କର ।

| | | | | |
|---|---|---|---|---|
| ୪ ୬ | ୫ ୬ | ୩ ୬ | ୩ ୦ | ୪ ୫ |
| + ୩ ୯ | + ୧ ୯ | + ୮ | + ୫ ୮ | + ୩ ୫ |
| ____ | ____ | ____ | ____ | ____ |



## ଆସ କାମଟିକୁ କରିବା

୧. ରହିମ  କ୍ରିକେଟ ଖେଳରେ  ଥରେ ୪୩ ରନ୍ ଓ ଆଉ ଥରେ ୫୮ ରନ୍ କରିଥିଲା । ସେ ଦୁଇ ଥରରେ ମୋଟ କେତେ ରନ୍ କରିଥିଲା ? [ ]



୨. ନନ୍ଦିନୀ ପାଖରେ ୧୨ଟି ରଙ୍ଗୀନ ପେନ୍ସିଲ ଥିଲା । ତା' ମାଆ ତାକୁ ଆଉ ୩୬ଟି ରଙ୍ଗୀନ ପେନ୍ସିଲ ଦେଲେ । ବର୍ତ୍ତମାନ ତା' ପାଖରେ ମୋଟ କେତୋଟି ରଙ୍ଗୀନ ପେନ୍ସିଲ ହେଲା ?

୩. ମୀନା ୩୪ଟି ଲାଲ ଗୋଲି ଓ ୫୭ଟି ନୀଳ ଗୋଲି ସଂଗ୍ରହ କରିଥିଲା । ଏବେ ତା' ପାଖରେ ମୋଟ କେତୋଟି ରଙ୍ଗୀନ ଗୋଲି ଅଛି ?


୪. ସାରିକା ମେଳାରେ ୫୬ ଟଙ୍କା ଖର୍ଚ୍ଚ କରିଥିବା ବେଳେ ମନୀଷ ମେଳାରେ ୩୫ଟଙ୍କା ଖର୍ଚ୍ଚ କରିଥିଲା । ଉଭୟ ମିଶି ମେଳାରେ ମୋଟ କେତେ ଟଙ୍କା ଖର୍ଚ୍ଚ କରିଥିଲେ ?

୫. ବସ୍‌ରେ ୩୬ ଜଣ ପୁରୁଷ ଏବଂ ୪୭ ଜଣ ମହିଳା ଅଛନ୍ତି । ବସ୍‌ରେ ମୋଟ କେତେ ଲୋକ ଅଛନ୍ତି ?

## ଆସ ଦୀପ ଗଣିବା













ଏହାର ଅର୍ଥ ଯଦି ଆମେ ୭୫ରୁ ୩୫କୁ ନେଇଯିବା, ତେବେ ଉତ୍ତର ୪୦ ହେବ ।

**୭୫ − ୩୫ = ୪୦**





୩୨ରୁ ୧୨କୁ ନେଇଯିବା ପରେ, ଆମେ ୨୦ ପାଇଥାଉ ।

**୩୨ − ୧୨ = ୨୦**




## ନିମ୍ନ ଉତ୍ତର ଖୋଜିବା ପାଇଁ ଆମେ ସଂଖ୍ୟାମାଳିର ମଧ୍ୟ ବ୍ୟବହାର କରିପାରିବା ।


୧. ୧୮ ରୁ ୯ ନିଅ | ୧୮ - ୯ =





୨. ୧୨ ରୁ ୮ ନିଅ | ୧୨ - ୮ =




୩. ୩୦ ରୁ ୧୮ ନିଅ | ୩୦ - ୧୮ =



୪. ୨୩ ରୁ ୧୪ ନିଅ | ୨୩ - ୧୪ =




୫. ୨୬ ରୁ ୧୭ ନିଅ | ୨୬ - ୧୭ =








ଗତକାଲି ଆମେ ସଂଖ୍ୟା ମାଳିରେ ବଳକା ଥିବା ଦୀପ ଗଣନା କରିଥିଲୁ ।
ତୁମେ ଏହା କିପରି କଲ ମୋତେ କୁହ ? କିନ୍ତୁ, ତୁମୋ ଘରେ ସଂଖ୍ୟାମାଳି ନାହିଁ ।
ଚାଲ କାଗଜରେ ଏକ ସଂଖ୍ୟାମାଳି ଅଙ୍କନ କରିବା ।


ଯଦି ମୁଁ ୧୯ରୁ ୧୫କୁ ନେବାକୁ ଚାହେଁ, ତେବେ ମୁଁ ପ୍ରଥମେ ୧୯ ପର୍ଯ୍ୟନ୍ତ ଗଣିବି, ତା'ପରେ ୧୫ ଗଣି ପଛକୁ ଯିବି।

$$୧୯ - ୧୫ = ୪$$



୧ ୧ ୧ ୧ ୧ ୧ ୧ ୧ ୧ ୧ ୧ ୧ ୧ ୧ ୧
୧ ୨ ୩ ୪ ୫ ୬ ୭ ୮ ୯ ୧୦ ୧୧ ୧୨ ୧୩ ୧୪ ୧୫ ୧୬ ୧୭ ୧୮ ୧୯ ୨୦


୧୦
୧ ୧ ୧ ୧ ୧
୧ ୨ ୩ ୪ ୫ ୬ ୭ ୮ ୯ ୧୦ ୧୧ ୧୨ ୧୩ ୧୪ ୧୫ ୧୬ ୧୭ ୧୮ ୧୯ ୨୦



ସଂଖ୍ୟାରେଖାରେ ବିୟୋଗ କରିବାର ଆଉ ଏକ ଉପାୟ ଅଛି ।
ଆମେ ସିଧାସଳଖ ୧୦ ଗଣି ପଛକୁ ଡେଇଁବା, ତା'ପରେ ୫ ଗଣି ପଛକୁ ଯାଇ ୪ରେ ପହଞ୍ଚିବା ।

# ଆସ ସଂଖ୍ୟାରେଖାରେ କିଛି ଅଭ୍ୟାସ କରିବା


ସଂଖ୍ୟାରେଖା ପଢ଼ ଏବଂ ଖାଲି କୋଠରି ପୂରଣ କର ।





୧. ୨୬ – [ ] = [ ]





୨. ୩୯ - ୨୮ = [ ]





୩. [ ] – [ ] = [ ]





୪. ୩୮ - ୧୧ = [ ]




୫. ୨୨ - ୨୨ = [ ]





୬. ୧୪ - ୦ = [ ]





୭. ୩୫ - ୧୨ = [ ]

ଶୂନକୁ ବିୟୋଗ କରିବା ବିଷୟରେ ପିଲାମାନଙ୍କ ସହିତ ଆଲୋଚନା କରନ୍ତୁ ଏବଂ ଦୈନନ୍ଦିନ ଜୀବନ ପରିସ୍ଥିତିରୁ ଉଦାହରଣ ନେଇ ସଂଖ୍ୟାକୁ ନିଜ ସହିତ ବିୟୋଗ କରନ୍ତୁ, ଯେପରି, ସମସ୍ତ ଟଙ୍କା ଖର୍ଚ୍ଚ କରିବା କିମ୍ବା କୌଣସି ଅର୍ଥ ଖର୍ଚ୍ଚ ନ କରିବା ।





## ବ୍ଲକ ସହିତ ଖେଳିବା








| | ଦଶକ | ଏକକ |
|---|---|---|
| | ୪ | ୫ |
| − | ୧ | ୨ |
| | | |


| | ଦଶକ | ଏକକ |
|---|---|---|
| | ୪ | ୫ |
| − | ୧ | ୨ |
| | | ୩ |

| | ଦଶକ | ଏକକ |
|---|---|---|
| | ୪ | ୫ |
| − | ୧ | ୨ |
| | ୩ | ୩ |

## ଆମେ ୩୭ରୁ ୨୪କୁ ବିୟୋଗ କରିବା



୩ ଦଶ ୭ ଏକ



୨ ଦଶ ୪ ଏକ

| | ଦଶକ | ଏକକ |
|---|---|---|
| | ୩ | ୭ |
| − | ୨ | ୪ |
| | | |



## ଆସ ବିୟୋଗ କରିବା

| | | |
|---|---|---|
| | ୨ | ୪ |
| − | ୧ | ୩ |
| | | |

| | | |
|---|---|---|
| | ୫ | ୪ |
| − | ୩ | ୧ |
| | | |

| | | |
|---|---|---|
| | ୩ | ୨ |
| − | ୧ | ୨ |
| | | |

| | | |
|---|---|---|
| | ୪ | ୬ |
| − | ୩ | ୪ |
| | | |


୧. ଶିଖା ପାଖରେ ୮୨ ଟଙ୍କା ଥିଲା । ସେ ୨୨ ଟଙ୍କାର ପେନ୍ସିଲ କିଣିଲା । ତା' ପାଖରେ କେତେ ଟଙ୍କା ବଳକା ରହିଲା ?

୨. ରୁବି ପାଖରେ ୬୦ ଟଙ୍କା ଥିଲା । ସେ ୨୦ ଟଙ୍କାର ଗୋଟିଏ ଖାତା କିଣିଲା । ତା' ପାଖରେ କେତେ ଟଙ୍କା ବଳକା ରହିଲା ?




# ଫୁଲମାଳ ସଜାଇବା


ଜ୍ୟୋତି, ମୋତେ ଗୋଟିଏ ଏବଂ ୮ଟି ଫୁଲ ଦେବୁକି ?
ମୋ ପାଖରେ କେବଳ ୬ଟି ଅଛି । ମୁଁ ଭାବୁଛି ମୁଁ ଗୋଟିଏ ଖୋଲିବା ଉଚିତ ।
ବର୍ତ୍ତମାନ ମୁଁ ମାଆଙ୍କୁ ୮ଟି ଦେଇପାରିବି ।



୪୬



୧୮ ଦେବା


| ଦଶକ | ଏକକ |
|---|---|
| ୪ | ୬ |
| − ୧ | ୮ |
| | |

| ଦଶକ | ଏକକ |
|---|---|
| ୩ | ୧୬ |
| ~~୪~~ | ~~୬~~ |
| − ୧ | ୮ |
| | ୮ |


(ଖୋଲିବ ୧  =୧୬ )

୧୬ − ୮ = ୮


| | |
|---|---|
| ୩ | ୧୬ |
| ~~୪~~ | ~~୬~~ |
| − ୧ | ୮ |
| ୨ | ୮ |





ବର୍ତ୍ତମାନ, ଜ୍ୟୋତି ପାଖରେ ମୋଟ ୨୮ଟି ଫୁଲ ଅଛି । ସେ ନିଜ ସାଙ୍ଗକୁ ୫ଟି ଦେବ । ଜ୍ୟୋତିକୁ ସାହାଯ୍ୟ କର, ତା' ପାଖରେ କେତେ ଫୁଲ ବଳକା ରହିବ ?





| | |
|---|---|
| ୨ | ୮ |
| − | ୫ |
| | |




ବର୍ତ୍ତମାନ, ଜ୍ୟୋତି ପାଖରେ ମୋଟ ୫୪ଟି ଫୁଲ ଅଛି । ସେ ତା'ର ମାଆଙ୍କୁ ୨୮ଟି ଫୁଲ ଦେଲା । ତା' ପାଖରେ କେତୋଟି ଫୁଲ ବଳକା ରହିଲା ?






ଜ୍ୟୋତି ପାଖରେ ୭୩ଟି ଫୁଲ ଅଛି । ସେ ତା' ମାଆଙ୍କୁ ୪୭ଟି ଫୁଲ ଦେଲା । ତା' ପାଖରେ କେତୋଟି ଫୁଲ ବଳକା ରହିଲା ?



| | ଫୁଲମାଳ | ଫୁଲ |
|---|---|---|
| ଜ୍ୟୋତି ପାଖରେ ଥିଲା | ୭ | ୩ |
| ଜ୍ୟୋତି ଦେଲା | ୪ | ୭ |
| ଜ୍ୟୋତି ପାଖରେ ବଳକା ରହିଲା | | |

## ଆସ ବିୟୋଗ କରିବା

| | | | | |
|---|---|---|---|---|
| ୪ ୫ | ୮ ୪ | ୬ ୫ | ୨ ୭ | ୯ ୩ |
| − ୧ ୮ | − ୩ ୭ | − ୪ ୫ | − ୨ ୭ | − ୪ ୮ |
| ______ | ______ | ______ | ______ | ______ |

### ଦଉଡ଼ି ଡିଆଁ

ଅମନ ଓ ନଫିସା 'ଦଉଡ଼ି ଡିଆଁ' ଖେଳୁଛନ୍ତି । ଉଭୟଙ୍କୁ ୨୦ଥର ଡେଇଁବାକୁ ପଡ଼ିବ । ପାଦ ତଳୁ ଦଉଡ଼ି ଯିବା ପରେ ଡିଆଁ ଗଣନା କରାଯାଇପାରିବ । ସେମାନଙ୍କୁ ଡେଇଁବା ପାଇଁ ଦୁଇଟି ସୁଯୋଗ ମିଳିବ । ଯଦି କେହି ପ୍ରଥମ ଥର ପାଇଁ କୌଣସି ଡିଆଁରୁ ବଞ୍ଚିତ ହୁଅନ୍ତି ତେବେ ତାଙ୍କୁ ଆଉ ଗୋଟିଏ ସୁଯୋଗ ମିଳିବ ।



୧. ଅମନ ପ୍ରଥମ ସୁଯୋଗରେ ୧୪ ଥର ଡେଇଁଥିଲା । ୨୦ ଥର ଡିଆଁ ସଂପୂର୍ଣ୍ଣ କରିବାକୁ ତାକୁ ଆଉ କେତେଥର ଡେଇଁବାକୁ ପଡ଼ିବ ?

୨୦ − ୧୪ = _____      ୧୪ + _____ = ୨୦

୨. ନଫିସା ପ୍ରଥମ ସୁଯୋଗରେ ୧୨ ଥର ଡେଇଁଥିଲା । ୨୦ ଥର ଡିଆଁ ସଂପୂର୍ଣ୍ଣ କରିବାକୁ ତାକୁ ଆଉ କେତେଥର ଡେଇଁବାକୁ ପଡ଼ିବ ?

୨୦ − ୧୨ = _____      ୧୨ + _____ = ୨୦




## ଆସ ହିସାବ କରିବା




୧. ଅନୁଷ୍କା  ୬୩ଟି ଶଙ୍ଖ  ସଂଗ୍ରହ କରିଥିଲା । ସେ ତା' ଭାଇକୁ ୨୬ଟି ଶଙ୍ଖ ଦେଲା । ତା' ପାଖରେ ଆଉ କେତୋଟି ଶଙ୍ଖ  ରହିଲା ?

୨. ବସ୍‌ରେ  ୫୪ ଜଣ ଯାତ୍ରୀ ବସିଥିଲେ ଏବଂ ୧୬ ଜଣ ବସଷ୍ଟାଣ୍ଡରେ ଓହ୍ଲାଇଲେ । ବର୍ତ୍ତମାନ ବସ୍‌ରେ କେତେ ଯାତ୍ରୀ ଅଛନ୍ତି ?

୩. ୪୦ଟି ବେଲୁନ  ଥିଲା ଏବଂ ୧୩ଟି ବେଲୁନ୍ ଫାଟିଗଲା । କେତୋଟି ବେଲୁନ୍ ରହିଲା ?

୪. ଅସୀମା ୭୨ଟି ଚୁଡ଼ି  ତିଆରି କରିଥିଲା । ସେ ୩୬ଟି ଚୁଡ଼ି ବିକ୍ରି କରିଦେଲା । ଅସୀମା ପାଖରେ ଆଉ କେତୋଟି ଚୁଡ଼ି ରହିଲା ?


୫. ୫୬ଟି ପକ୍ଷୀ ଗଛ  ଉପରେ ବସିଥିଲେ । ସେମାନଙ୍କ ସହିତ ଆଉ କିଛି ପକ୍ଷୀ ଯୋଗ ଦେଲେ । ବର୍ତ୍ତମାନ ୮୭ଟି ପକ୍ଷୀ ହେଲେ । ପରେ ଆସିଥିବା ପକ୍ଷୀମାନଙ୍କ ସଂଖ୍ୟା କେତେ ?

୬. ଅମ୍ଳାନ ୧୮ ଥର ବଲ୍  ପକାଇଥିଲା । ୩୫ ଥର ବଲ୍ ପକାଇବା ପାଇଁ ସେ ଆଉ କେତେ ଥର ବଲ୍‌କୁ ପକାଇବ ?



## ଯୋଗ ଏବଂ ବିୟୋଗ ସଂପର୍କିତ କେତେକ ତଥ୍ୟ

୨୦, ୩୦, ୫୦





୨୦+୩୦= ______

୩୦+ ______ = ୫୦

୫୦ - ୩୦ = ୨୦

______ – ୨୦ = ୩୦

୧୦, ୨୦, ୩୦





୧୦ +୨୦ = ____

____ + ____ = ____


୩୦ – ____ = ୧୦


୩୦ – ____ = ୨୦

୨୦, ୮୦, ୧୦୦






## ଯୋଗ ଏବଂ ବିୟୋଗ ପିରାମିଡ୍




ଯୋଗ ପିରାମିଡ୍




ବିୟୋଗ ପିରାମିଡ୍



## ଏହି ଉଦାହରଣକୁ ଦେଖ ।

| | | |
|---|---|---|
| ୩ | ୧୨ | ୯ |
| ୮ | | ୧୫ |
| ୫ | ୧୧ | ୬ |

ଏଠାରେ, ୩ + ୯ = ୧୨    ୯ + ୬ = ୧୫

୬ + ୫ = ୧୧    ୫ + ୩ = ୮

## ଶୂନ୍ୟସ୍ଥାନ ପୂରଣ କର ।

କ.

| | | |
|---|---|---|
| ୧ | ୫ | |
| ୯ | | ୧୦ |
| | ୧୪ | |

ଖ.

| | | |
|---|---|---|
| | ୧୦ | |
| ୯ | | ୧୩ |
| | ୧୨ | |

## ଲିପି ଏବଂ ମିତାଙ୍କ ଉପହାର

ଲିପି ଏବଂ ମିତା ମାଆଙ୍କୁ ଗୋଟିଏ ଉପହାର ଦେବାକୁ ଚାହୁଁଛନ୍ତି । ଉପହାରକୁ ସଜାଇବା ପାଇଁ ସେମାନେ କିଛି ରିବନ ଏବଂ ଗୋଟିଏ ରଙ୍ଗୀନ କାଗଜ କିଣିଲେ । ତାଙ୍କ ପାଖରେ ୭୮ଟଙ୍କା ଥିଲା । ଗୋଟିଏ ରଙ୍ଗୀନ କାଗଜର ମୂଲ୍ୟ ୨୪ଟଙ୍କା ଏବଂ ରିବନର ମୂଲ୍ୟ ୩୭ ଟଙ୍କା ।

କ. ସେମାନେ ମୋଟ କେତେ ଟଙ୍କା ଖର୍ଚ୍ଚ କଲେ ? ☐

ଖ. ସେମାନଙ୍କ ପାଖରେ କେତେ ଟଙ୍କା ବଳକା ରହିଲା ? ☐





## ପ୍ରକଳ୍ପ କାର୍ଯ୍ୟ

ଦେବାଶିଷ କିଛି ପ୍ରଶ୍ନର ସମାଧାନ କରିଛି ଏବଂ ସେଗୁଡ଼ିକର ଉତ୍ତର ଲେଖିଛି । ଦେଖ, ସେ କରିଥିବା ଉତ୍ତର କ'ଣ ଠିକ୍ ? ଯଦି ଉତ୍ତର ଭୁଲ୍ ଅଛି ତେବେ ଏହାକୁ ସଂଶୋଧନ କର ।


| | | | | |
|---|---|---|---|---|
| ୨୫ | ୩୭ | ୩୫ | ୫୭ | ୩୦ |
| + ୩୬ | + ୪୮ | − ୧୭ | − ୭୮ | − ୧୭ |
| ୫୧୧ | ୧୩୧ | ୨୨ | ୨୧ | ୨୭ |



# ୭ ରାଣୀଙ୍କ ଉପହାର

## ଆସ ପଢ଼ିବା

ଥରେ ରାଜା ରୁଦ୍ରପ୍ରତାପ ତାଙ୍କ ରାଣୀଙ୍କ ପାଇଁ ଏକ ସୁନ୍ଦର ପଲଙ୍କ ତିଆରି କରିବାକୁ ଚାହିଁଲେ । ସେ ସହରର ସର୍ବୋତ୍ତମ କାଠ କାରିଗରଙ୍କୁ ଡାକିଲେ ।






ରାଜାଙ୍କ ସହିତ ସମସ୍ତେ ଦ୍ୱନ୍ଦରେ ପଡ଼ିଗଲେ ।






ଦ୍ୱନ୍ଦକୁ ସମାଧାନ କରିବା ପାଇଁ ମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ସମାଧାନ ବିଷୟରେ ଆଲୋଚନା କର ।



## ଆସ କାମଟିକୁ କରିବା


**ପାଠ୍ୟପୁସ୍ତକ ବ୍ୟବହାର କରି ତୁମେ ନିମ୍ନଲିଖିତ ବସ୍ତୁଗୁଡ଼ିକର ଲମ୍ବ ମାପ କର ।**

| ବସ୍ତୁଗୁଡ଼ିକ | ଆନୁମାନିକ ଲମ୍ବ | ପ୍ରକୃତ ଲମ୍ବ |
|---|---|---|
| ଡେସ୍କ  | | |
| କଳାପଟା  | | |
| ଝରକା  | | |




## ଆସ କାମଟିକୁ କରିବା

**କବିତା ତା' ଘରୁ ବିଦ୍ୟାଳୟକୁ ଯାଉଛି । ବିଦ୍ୟାଳୟରେ ଶୀଘ୍ର ପହଞ୍ଚିବା ପାଇଁ ସେ କେଉଁ ରାସ୍ତା ବ୍ୟବହାର କରିବା ଉଚିତ୍ ? ନିମ୍ନରେ ଦିଆଯାଇଥିବା ଚିତ୍ରରେ ଏହାକୁ ଚିହ୍ନଟ କର ।**



## ଆସ କାମଟିକୁ କରିବା


**କ ରୁ ଖ ପର୍ଯ୍ୟନ୍ତ ଲମ୍ବା ରାସ୍ତାକୁ ବାଛ ।**




କ ରୁ ଖ ପର୍ଯ୍ୟନ୍ତ ସବୁଠାରୁ ଛୋଟ ରାସ୍ତା ମଧ୍ୟ ଚିହ୍ନଟ କର ।

ଗୋଟିଏ ସୂତା ବ୍ୟବହାର କରି ପିଲାମାନଙ୍କୁ ସେମାନଙ୍କର ପରିଚିତ ରାସ୍ତାର ଲମ୍ବ ମାପ କରିବାକୁ ଉତ୍ସାହିତ କରନ୍ତୁ । ଲମ୍ବ ମାପିବାରେ ପରସ୍ପରକୁ ସାହାଯ୍ୟ କରିବାକୁ ସେମାନଙ୍କୁ କୁହନ୍ତୁ ।

## ଆସ ବ୍ଲକ ମାଧମରେ ଉଚ୍ଚତା ମାପିବା




## ଶୂନ୍ୟସ୍ଥାନ ପୂରଣ କର ।

କ. ଜିରାଫର ଉଚ୍ଚତା ________ ଖଣ୍ଡ ବ୍ଲକ ଅଟେ ।

ଖ. ________ର ଉଚ୍ଚତା ୭ ଖଣ୍ଡ ବ୍ଲକ ଅଟେ ।

ଗ. ମାଙ୍କଡ଼ର ଉଚ୍ଚତା ________ ଖଣ୍ଡ ବ୍ଲକ ଅଟେ ।

ଘ. ହାତୀର ଉଚ୍ଚତା ________ ଖଣ୍ଡ ବ୍ଲକ ଅଟେ ।



## ଆସ କାମଟିକୁ କରିବା

**ତୁମ ହାତ ପାପୁଲି କେତେ ଲମ୍ୱା ଅଟେ ? ନିମ୍ନରେ ଦିଆଯାଇଥିବା ଖାଲିସ୍ଥାନରେ ପେନ୍ସିଲ ସାହାଯ୍ୟରେ ପାପୁଲିର ଚିତ୍ର ଅଙ୍କନ କର ଏବଂ ଗାର ସଂଖ୍ୟା ଗଣ ।**



## ପ୍ରକଳ୍ପ କାର୍ଯ୍ୟ


ତୁମ ପସନ୍ଦର ଯେକୌଣସି ଉପକରଣ (ରବର, ବ୍ଲକ, ପେନ୍ସିଲ) ବ୍ୟବହାର କରି ଲମ୍ବ ମାପ କର । ତୁମର ମାପ ଟିପି ରଖ ।

- ତୁମ ଘରର ଯେକୌଣସି କାନ୍ଥ
- ତୁମ ଖଟର ଲମ୍ବ
- କବାଟର ଲମ୍ବ



## କଖାରୁର ବୈଠକ

ଚିତ୍ରକୁ ଦେଖ ଏବଂ କେଉଁ ପନିପରିବା ଅନ୍ୟ ପନିପରିବା ଅପେକ୍ଷା ହାଲୁକା କିମ୍ବା ଭାରୀ ତାହା ତୁଳନା କର ।




ତୁମେ କାହାକୁ ଭାରୀ ବୋଲି ଭାବୁଛ : କଖାରୁ କିମ୍ବା ତରଭୁଜ ? ଆଲୋଚନା କର ।

### ଶୂନ୍ୟସ୍ଥାନ ପୂରଣ କର ।

୧. ତରଭୁଜ ଗାଜରଠାରୁ ଅଧିକ ଭାରୀ ଅଟେ ।

୨. ସିମ୍‌ଲାଲଙ୍କା, __________ ଠାରୁ ହାଲୁକା ଅଟେ ।

୩. __________ ଠାରୁ __________ ଅଧିକ ଭାରୀ ଅଟେ ।

୪. __________ ଠାରୁ __________ ହାଲୁକା ଅଟେ ।

୫. __________ ସବୁଠାରୁ ଭାରୀ ଅଟେ ।

୬. __________ ସବୁଠାରୁ ହାଲୁକା ଅଟେ ।




## ଆସ କାମଟିକୁ କରିବା

ନିଜ ଆଖପାଖ ଅଞ୍ଚଳରୁ କେତେକ ଜିନିଷ ସଂଗ୍ରହ କର । ସେଗୁଡ଼ିକ ମଧ୍ୟରୁ ସବୁଠାରୁ ହାଲୁକା ଏବଂ ଭାରୀକୁ ବାଛ । ସମସ୍ତ ଜିନିଷକୁ ସେମାନଙ୍କର ଓଜନ ବୃଦ୍ଧି କ୍ରମରେ ସଜାଡ଼ି ଦିଅ । କେଉଁଟି ହାଲୁକା ଏବଂ କେଉଁଟି ଭାରୀ ତାହା ତୁମେ କିପରି ଜାଣିଲ ?

### ନିଜର ନିକିତି ତିଆରି କର !

ଏଠାରେ ଦେଖାଯାଇଥିବା ପରି କାଗଜ କପ୍, ସୂତା ଏବଂ ଗୋଟିଏ ହ୍ୟାଙ୍ଗର୍ ସାହାଯ୍ୟରେ ନିଜର ନିକିତି ପ୍ରସ୍ତୁତ କର । ବର୍ତ୍ତମାନ ରବର, ବଲ୍, ମାଳି, ପେନ୍ସିଲ, କ୍ରେୟନ୍ ଇତ୍ୟାଦି ବସ୍ତୁରୁ ଯେକୌଣସି ଦୁଇଟି ବସ୍ତୁକୁ ନେଇ ନିକିତି ସାହାଯ୍ୟରେ କେଉଁଟି ଅଧିକ ଭାରୀ ତୁଳନା କର ।








## ଆସ କାମଟିକୁ କରିବା


ସବୁଠାରୁ ଭାରୀ ବସ୍ତୁ ଚାରିପଟେ ଗୋଲ ◯ ବୁଲାଅ ।



କ.   

ଖ.   




ସବୁଠାରୁ ହାଲୁକା ବସ୍ତୁ ଚାରିପଟେ ଗୋଲ ○ ବୁଲାଅ ।


କ.   

ଖ.   




## ଆସ ଚିନ୍ତା କରିବା

**ଯେଉଁ ପନିପରିବା ଓ ଫଳ ନିକିତିର ପଲାକୁ ତଳକୁ ନେବ ତାହାକୁ ଭାରୀ (ଭା) ଏବଂ ଯେଉଁଗୁଡ଼ିକ ପଲାକୁ ଉପରକୁ ନେବ ତାହାକୁ ହାଲୁକା (ହା) ଦ୍ୱାରା ଚିହ୍ନଟ କର ।**

କ.  ✓


ଭା



ହା

ଖ. 








ହା

ଭା

ଗ. 




ଘ. 







## ଆସ କାମଟିକୁ କରିବା




ସମାନ ଆକାରର ଦୁଇଟି କାଗଜ ବ୍ୟାଗ ନିଅ । ଗୋଟିଏ ବ୍ୟାଗକୁ ବାଲିରେ ଏବଂ ଅନ୍ୟଟିକୁ ଶୁଖିଲା ପତ୍ରରେ ଭର୍ତ୍ତି କର । ସେମାନଙ୍କର ଓଜନ ବିଷୟରେ ଆଲୋଚନା କର (କେଉଁ ବ୍ୟାଗ ଭାରୀ) ।

**ଚିତ୍ରଗୁଡ଼ିକୁ ଦେଖ ଏବଂ ନିମ୍ନରେ ଦିଆଯାଇଥିବା ଚିତ୍ରଗୁଡ଼ିକରେ ଲୋକମାନେ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାର ନିକିତି ବିଷୟରେ ଆଲୋଚନା କର ।**

ତୁମେ ପୂର୍ବରୁ ଦେଖିଥିବା ଓଜନ ଯନ୍ତ୍ରରେ ଠିକ୍ ✓ ଚିହ୍ନ ଦିଅ ।




## ବଗିଚାରେ ଫଳ



ତରଭୁଜ ଏବଂ ଆମ୍ବ ଉଠା-ପକା ଖେଳ ଖେଳିବାକୁ ଚାହାଁନ୍ତି । ତରଭୁଜ ଗୋଟିଏ ପାର୍ଶ୍ୱରେ ବସିଥାଏ, କିନ୍ତୁ ସେ ଉଠି ପାରିଲା ନାହିଁ । ତା'ର ସାଙ୍ଗ ଆମ୍ବ ଅନ୍ୟ ଆମ୍ବଗୁଡ଼ିକୁ ନିଜ ପାଖରେ ବସିବାକୁ ଡାକିଲା ।

କ. କେତୋଟି ଆମ୍ବ, ତରଭୁଜର ଓଜନ ସହିତ ସମାନ ହେବ ? ଉପରୋକ୍ତ ଚିତ୍ରରୁ ଖୋଜ ।

ଖ. କେତୋଟି ପଇଡ଼, ତରଭୁଜର ଓଜନ ସହିତ ସମାନ ହେବ, ଯଦି

 =  [ ]

୧ ଟି ପଇଡ଼ର ଓଜନ        ୨ ଟି ଆମ୍ବର ଓଜନ



## ପ୍ରକଳ୍ପ କାର୍ଯ୍ୟ

ତୁମ ପରିବାର ସଦସ୍ୟ କିମ୍ବା ବନ୍ଧୁମାନଙ୍କ ନାମ ଲେଖ ଯାହାଙ୍କର ଓଜନ:

କ. ତୁମ ସହିତ ପ୍ରାୟ ସମାନ ____________________


ଖ. ତୁମଠାରୁ ଅଧିକ ____________________

ଗ. ତୁମଠାରୁ କମ୍ ____________________

ତୁମେ ତୁମର ଓଜନ କେଉଁସବୁ ସ୍ଥାନରେ ମାପିପାରିବ । ତୁମର ଓଜନ କେତେ ? [ ]

ପିଲାମାନଙ୍କ ଚାରିପାଖରେ ଥିବା ବିଭିନ୍ନ ବସ୍ତୁର ଓଜନ ଆକଳନ କରିବାକୁ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ।





## ଆସ ଲେମ୍ବୁ ସରବତ ତିଆରି କରିବା



ରଘୁ ଏବଂ ତା'ର ସାଙ୍ଗମାନେ ରଘୁର ଜେଜେମା'ଙ୍କ ପାଇଁ ଲେମ୍ବୁ ସରବତ ତିଆରି କଲେ ।

୧ ଗ୍ଲାସ୍ ଲେମ୍ବୁ ସରବତ ପ୍ରସ୍ତୁତ କରିବାକୁ ସେମାନେ ନିମ୍ନଲିଖିତ ଜିନିଷଗୁଡ଼ିକ ବ୍ୟବହାର କରିଥିଲେ ।

- ପାଣି: ୧ ଗ୍ଲାସ୍
- ଚିନି: ୧ ଚାମଚ
- ଲେମ୍ବୁ ରସ: ୨ ଚାମଚ
- ଲୁଣ: ୧ ଛୋଟ ଚାମଚ

ବର୍ତ୍ତମାନ ରଘୁ ନିଜ ପାଇଁ ଏବଂ ତା'ର ଦୁଇ ଜଣ ସାଙ୍ଗଙ୍କ ପାଇଁ ଲେମ୍ବୁ ସରବତ ତିଆରି କରିବାକୁ ଚାହୁଁଛି । ରଘୁକୁ ୩ ଗ୍ଲାସ୍ ଲେମ୍ବୁ ସରବତ ତିଆରି କରିବାକୁ ପଡ଼ିବ । ୩ ଗ୍ଲାସ୍ ଲେମ୍ବୁ ସରବତ ତିଆରି କରିବାକୁ ସେ ଆବଶ୍ୟକ କରୁଥିବା ଉପାଦାନର ପରିମାଣ ଲେଖ ।

**ପାଣି:** ☐ ଗ୍ଲାସ୍

**ଚିନି:** ☐ ଚାମଚ

**ଲେମ୍ବୁ ରସ:** ☐ ଚାମଚ

**ଲୁଣ:** ☐ ଛୋଟ ଚାମଚ



## ଆସ ଖୋଜିବା

ତୁମ ଘରେ ପ୍ରସ୍ତୁତ କିଛି ପାନୀୟର ନାମ ଲେଖ । ତୁମର ପ୍ରିୟ ପାନୀୟ ତିଆରି କରିବା ପାଇଁ ବ୍ୟବହୃତ ଉପାଦାନଗୁଡ଼ିକୁ ଖୋଜ ଏବଂ ନିମ୍ନରେ ଲେଖ ।

ତୁମ ପ୍ରିୟ ପାନୀୟର ନାମ ________

| ଉପାଦାନଗୁଡ଼ିକ | ପରିମାଣ |
|---|---|
| | |





## ଆସ ଖୋଜିବା

### ରଘୁର ବୋତଲ ଚାରି ଗ୍ଲାସ୍ ପାଣିରେ ପୂର୍ଣ୍ଣ ହୁଏ ।



କ. କେତେ ଗ୍ଲାସ୍ ପାଣିରେ ତୁମ ବୋତଲ ପୂର୍ଣ୍ଣ ହେବ ?

ଖ. ତୁମ ସାଙ୍ଗର ବୋତଲ କେତେ ଗ୍ଲାସ୍ ପାଣିରେ ପୂର୍ଣ୍ଣ ହେବ ?

ଗ. ତୁମ ସାଙ୍ଗର ବୋତଲ ସମାନ / ଅଧିକ / କମ୍ ପରିମାଣର ପାଣିରେ ପୂର୍ଣ୍ଣ ହୁଏ କି ?

### ସେହି ସାଙ୍ଗମାନଙ୍କର ନାମ ଲେଖ,

କ. ଯେଉଁ ସାଙ୍ଗମାନଙ୍କର ବୋତଲରେ ତୁମ ବୋତଲ ସହ ସମାନ ପାଣି ଧରେ ।

_______________________________________________

ଖ. ଯେଉଁ ସାଙ୍ଗମାନଙ୍କର ବୋତଲରେ ତୁମ ବୋତଲଠାରୁ କମ୍ ପାଣି ଧରେ ।

_______________________________________________

ଗ. ଯେଉଁ ସାଙ୍ଗମାନଙ୍କର ବୋତଲରେ ତୁମ ବୋତଲଠାରୁ ଅଧିକ ପାଣି ଧରେ ।

_______________________________________________



## ପ୍ରକଳ୍ପ କାର୍ଯ୍ୟ


ଗୋଟିଏ ଜଳ ତରଙ୍ଗ (ବାଦ୍ୟଯନ୍ତ୍ର) ତିଆରି କରିବାକୁ ୫-୭ଟି ସମାନ ଆକାର ଗ୍ଲାସ କିମ୍ବା ପାତ୍ର ଯୋଗାଡ଼ କର । ସେଗୁଡ଼ିକରେ ବିଭିନ୍ନ ସ୍ତରର ପାଣି ରଖ । ପ୍ରତ୍ୟେକ ଗ୍ଲାସ କିମ୍ବା ପାତ୍ରକୁ ଧୀରେ ଧୀରେ ଗୋଟିଏ ଚାମଚ ଦ୍ୱାରା ଆଘାତ କର ଏବଂ ପ୍ରତ୍ୟେକଟି କିପରି ଶୁଭୁଛି ଶୁଣ । ପାର୍ଥକ୍ୟ ଅନୁଭବ କରିବାକୁ ଗ୍ଲାସ କିମ୍ବା ପାତ୍ରର ବିଭିନ୍ନ ଅଂଶରେ ଆଘାତ କର ।

ଆମ ଜୀବନରେ ଜଳର ବ୍ୟବହାର ଏବଂ ଗୁରୁତ୍ୱ ବିଷୟରେ ଆଲୋଚନା କରନ୍ତୁ । ଜଳର ଉପଯୁକ୍ତ ବ୍ୟବହାର ଏବଂ ଅପଚୟ ବିଷୟରେ ମଧ୍ୟ ଆଲୋଚନା କରନ୍ତୁ ।





# ୮ ଏକାଠି କରିବା ଓ ବାଣ୍ଟିବା




ତୁମେ କ'ଣ ଦେଖୁଛ ?

ମୁଁ ଅଟୋରିକ୍ସା ଏବଂ ସାଇକେଲର ଚକ ସଂଖ୍ୟା ମିଶାଇ ସେମାନଙ୍କ ଚକ ଗଣନା କରୁଛି । କିନ୍ତୁ କାର୍‌ଗୁଡ଼ିକ ଚାଲିବା ଆରମ୍ଭ କରିବାରୁ ମୁଁ କାର୍ ଗୁଡ଼ିକର ଚକ ଠିକ୍ ଭାବରେ ଗଣିପାରିଲି ନାହିଁ ।

ରମ୍ୟା, ତୁମେ ଏହାକୁ କିପରି କଲ ? ଦୟାକରି ବୁଝାଇବ କି ?

ଠିକ୍ ଅଛି । ମୁଁ ତୁମକୁ ମୋଟ ଚକର ସଂଖ୍ୟା ଖୋଜିବାର ଏକ ଉପାୟ କହିବି । ସେଠାରେ ୭ଟି କାର୍ ଥିଲା ଏବଂ ପ୍ରତ୍ୟେକ କାର୍‌ରେ ୪ଟି ଚକ ଥିଲା, ତେଣୁ ମୋଟ ଚକ ସଂଖ୍ୟା ହେଉଛି ୭ର ୪ ଗୁଣ ଅର୍ଥାତ୍, ୨୮ ।

ପିଲାମାନଙ୍କ ସହିତ ଟ୍ରାଫିକ୍ ନିୟମର ଗୁରୁତ୍ୱ ବିଷୟରେ ଆଲୋଚନା କରନ୍ତୁ ।



## ଆସ କାମଟିକୁ କରିବା

ଏଠାରେ ୪ଟି ସାଇକେଲ  ଅଛି । ପ୍ରତ୍ୟେକ ସାଇକେଲରେ ୨ଟି ଚକ ଅଛି ।




ମୋଟ ଚକ ସଂଖ୍ୟା = ୨ + ୨ + ୨ + ୨ = ୮


ଆମେ ୨କୁ ୪ ଥର ଯୋଗ କରୁଛୁ ।

ତେଣୁ ୨କୁ ୪ଥର ଯୋଗ କଲେ ଯୋଗଫଳ ୮ କିମ୍ବା ୪ ଯୋଡ଼ିରେ ୮ ମିଳିବ ।

ତୁମେ ଜାଣ ଯେ ଗୁଣନକୁ '×' ଚିହ୍ନ ଦ୍ୱାରା ଦର୍ଶାଯାଏ ।

୪ × ୨ = ୮




ଅଟୋରିକ୍ସାର ସଂଖ୍ୟା  = ୨

ପ୍ରତ୍ୟେକ ଅଟୋରେ ୩ଟି ଚକ ଅଛି

ମୋଟ ଚକ = ୩ + ୩ = ୬

୨ ଥର ୩ ହେଉଛି ୬ କିମ୍ବା

୨ଟି ୩ର ସମଷ୍ଟି ହେଉଛି ୬

୨ × ୩ = ୬

### ଆସ ଏହିପରି କାର୍‌ର ଚକ ହିସାବ କରିବା ।

କାର୍ ସଂଖ୍ୟା  = ☐

ପ୍ରତ୍ୟେକ କାର୍‌ରେ ଚକ ସଂଖ୍ୟା = ☐

ମୋଟ ଚକ ସଂଖ୍ୟା = ☐ + ☐ + ☐ + ☐ + ☐ + ☐ + ☐ = ☐

☐ ଗୁଣନ ୪ ☐

୭ ଟି ☐ ର ସମଷ୍ଟି ହେଉଛି ☐

☐ × ☐ = ☐

ତୁମେ କେତେ ଥର ଚାରି ଯୋଗ କରୁଛ – ଆମେ ଏହାକୁ ଏପରି ଲେଖିପାରିବା ଯେ ୪ର ୭ ଗୁଣ ୨୮ ଅଟେ ।



## ଆସ କାମଟିକୁ କରିବା

ପ୍ରଜାପତିଙ୍କ ସଂଖ୍ୟା = ☐

ପ୍ରତ୍ୟେକ ପ୍ରଜାପତିଙ୍କ ଡେଣା ସଂଖ୍ୟା = ☐

ମୋଟ ଡେଣା ସଂଖ୍ୟା = ☐ + ☐ + ☐ = ☐

କିମ୍ବା ୩ ଥର ☐ ହେଉଛି ☐

☐ ର ୨ ଗୁଣ ହେଉଛି ୬


☐ × ☐ = ☐



ଅକ୍ଟୋପସ୍‌ଙ୍କ ସଂଖ୍ୟା = ☐

ପ୍ରତ୍ୟେକ ଅକ୍ଟୋପସ୍‌ଙ୍କ ଗୋଡ଼ର ସଂଖ୍ୟା = ☐

ମୋଟ ଗୋଡ଼ ସଂଖ୍ୟା = ☐ + ☐ = ☐



କିମ୍ବା ୨ଥର ☐ ହେଉଛି ୧୬

୮ର ☐ ଗୁଣ ହେଉଛି ୧୬

☐ × ☐ = ☐

ଧାଡ଼ି ସଂଖ୍ୟା = ☐

ପ୍ରତ୍ୟେକ ଧାଡ଼ିରେ ଥିବା ସୈନିକ ସଂଖ୍ୟା = ☐

ମୋଟ ସୈନିକ ସଂଖ୍ୟା = ☐ + ☐ + ☐ + ☐ = ☐





କିମ୍ବା ୪ ଥର ☐ ହେଉଛି ୪୦

କିମ୍ବା ୪ ଦଶ ହେଉଛି ☐

☐ × ☐ = ☐



## ସାରଣୀ ପୂରଣ କର










| | | | |
|---|---|---|---|
|  | ୩ + ୩ + ୩ + ୩ | ୪ ଥର ୩ | ୪ × ୩ = ୧୨ଟି ତାରା |
|  | ୫ + ୫ + ୫ | ______________ | ______________ ଟି ଆଙ୍ଗୁଠି |
|  | ______________ | ୬ ଥର ୩ | ______________ ଟି କଦଳୀ |
|  | ______________ | ______________ | ୪ × ୪ = ୧୬ଟି କମଳା |
|  | ______________ | ______________ | ୨ × ୫ = ୧୦ଟି ପେନ୍ସିଲ୍ |
|  | ______________ | ______________ | ୩ × ୫ = ୧୫ଟି ବଲ୍ |

## ଗାର ଟାଣି ଯୋଡ଼ ।









| | | |
|---|---|---|
| ୯ + ୯ + ୯ | ୫ର ୭ ଗୁଣ | ୨୭ |
| ୫ + ୫ + ୫ + ୫ + ୫ + ୫ + ୫ | ୧୦ର ୪ ଗୁଣ | ୩୫ |
| ୩ + ୩ + ୩ + ୩ + ୩ | ୩ × ୯ | ୪୦ |
| ୧୦ + ୧୦ + ୧୦ + ୧୦ | ୩ × ୮ | ୧୪ |
| ୮ + ୮ + ୮ | ୭ର ୨ ଗୁଣ | ୧୫ |
| ୭ + ୭ | ୩ର ୫ ଗୁଣ | ୨୪ |



## ୨ର ଗୁଣନ ଖନ୍ଦା ପୂରଣ କର

| | | |
|---|---|---|
|  | ଗୋଟିଏ ୨ = ୨ | ୨ର ୧ ଗୁଣ ୨<br>୨ × ୧ = ୨ |
|  | ୨ଟି ୨ର ଯୋଗ<br>= ୨+୨ = ୪ | ୨ର ୨ ଗୁଣ ୪<br>୨ × ୨ = ୪ |
|  | ୩ଟି ୨ର ଯୋଗ<br>= ୨+୨+୨ = ୬ | ୨ର ୩ ଗୁଣ ୬<br>୨ × ୩ = ୬ |
|  | ୪ଟି ୨ର ଯୋଗ<br>= ୨+୨+୨+୨ = ୬ | |
|  | ୫ଟି ୨ର ଯୋଗ | |
|  | | |
|  | | |
|  | | |
|  | | |
|  | | |

## ୩ର ଗୁଣନ ଖନ୍ଦା ପୂରଣ କର

| | | |
|---|---|---|
|  | ଗୋଟିଏ ୩ = ୩ | ୩ର ୧ ଗୁଣ ୩<br>୩ × ୧ = ୩ |
|  | ୨ଟି ୩ର ଯୋଗ<br>= ୩+୩ = ୬ | ୩ର ୨ ଗୁଣ ୬<br>୩ × ୨ = ୬ |
|  | ୩ଟି ୩ର ଯୋଗ<br>= ୩+୩+୩ = ୯ | ୩ର ୩ ଗୁଣ ୯<br>୩ × ୩ = ୯ |
|  | ୪ଟି ୩ର ଯୋଗ | |
|  | ୫ଟି ୩ର ଯୋଗ | |
|  | | |
|  | | |
|  | | |
|  | | |
|  | | |




## ୫ର ଗୁଣନ ଖନ୍ଦା ପୂରଣ କର


| | | |
|---|---|---|
| | ଗୋଟିଏ ୫ = ୫ | ୫ର ୧ ଗୁଣ ୫<br>୫ × ୧ = ୫ |
| | ୨ଟି ୫ର ଯୋଗ<br>= ୫+୫ = ୧୦ | ୫ର ୨ ଗୁଣ ୧୦<br>୫ × ୨ = ୧୦ |
| | ୩ଟି ୫ର ଯୋଗ<br>= ୫+୫+୫ = ୧୫ | ୫ର ୩ ଗୁଣ ୧୫<br>୫ × ୩ = ୧୫ |
| | ୪ଟି ୫ର ଯୋଗ | |
| | | |
| | | |
| | | |
| | | |
| | | |
| | | |

## ୧୦ର ଗୁଣନ ଖନ୍ଦା ପୂରଣ କର

| | | |
|---|---|---|
| | ୧ଟି ୧୦ = ୧୦ | ୧୦ର ୧ ଗୁଣ ୧୦<br>୧୦ × ୧ = ୧୦ |
| | ୨ଟି ୧୦ର ଯୋଗ<br>= ୧୦+୧୦ = ୨୦ | ୧୦ର ୨ ଗୁଣ ୨୦<br>୧୦ × ୨ = ୨୦ |
| | ୩ଟି ୧୦ର ଯୋଗ<br>= ୧୦+୧୦+୧୦ = ୩୦ | ୧୦ର ୩ ଗୁଣ ୩୦<br>୧୦ × ୩ = ୩୦ |
| | | |
| | | |
| | | |
| | | |
| | | |
| | | |
| | | |




## କେତୋଟି ଅଛି ?




୪ଟି ଫୁଲତୋଡ଼ା ଅଛି ।
୩ଟି ଲେଖାଏଁ ଫୁଲଥିବା ୪ଟି ଫୁଲତୋଡ଼ା ଅଛି ।
୪ × ୩
ରିତେଶ ମୋଟ ୧୨ଟି ଫୁଲ ବ୍ୟବହାର କରିଛି ।

୩ଟି ଫୁଲତୋଡ଼ା ଅଛି ।
୪ଟି ଲେଖାଏଁ ଫୁଲଥିବା ୩ଟି ଫୁଲତୋଡ଼ା ଅଛି ।
୩ × ୪
ମିହିର ମୋଟ ୧୨ଟି ଫୁଲ ବ୍ୟବହାର କରିଛି ।


ତୁମେ କ’ଣ ଦେଖିଲ, ଆଲୋଚନା କର ।
ଆସ, ଅନ୍ୟ ଏକ ଉଦାହରଣ ମାଧ୍ୟମରେ ଏହାକୁ ପରୀକ୍ଷା କରିବା ।






୪ଟି ୫ର ସମଷ୍ଟି
୫ର ୪ ଗୁଣ ହେଉଛି ________
୪ × ୫ = ________
________ ଟି ଗୋଲାପଜାମୁ ଅଛି ।

୫ଟି ୪ର ସମଷ୍ଟି
୪ର ୫ ଗୁଣ ହେଉଛି ________
୫ × ୪ = ________
________ ଟି ଗୋଲାପଜାମୁ ଅଛି ।






୬ଟି ୪ର ସମଷ୍ଟି
୪ର ୬ ଗୁଣ ହେଉଛି -----
୬ × ୪ = ------
ମୋଟ ------ ଟି ଫୁଲ ଅଛି ।

୪ଟି ୬ର ସମଷ୍ଟି
୬ର ୪ ଗୁଣ ହେଉଛି -----
୪ × ୬ = ------
ମୋଟ ------ଟି ଫୁଲ ଅଛି ।

୧. ୮ଟି ଟିକିଲି ପ୍ୟାକେଟ ଅଛି । ପ୍ରତ୍ୟେକ ପ୍ୟାକେଟରେ ୫ଟି ଟିକିଲି ଅଛି ।



ପ୍ୟାକେଟ ସଂଖ୍ୟା = ☐

ପ୍ରତ୍ୟେକ ପ୍ୟାକେଟରେ ଥିବା ଟିକିଲି ସଂଖ୍ୟା = ☐

☐ ଟି ଟିକିଲି ଥିବା ☐ ଟି ପ୍ୟାକେଟ

☐ × ☐ = ☐ ଟି ଟିକିଲି

୨. ଭାରତୀ ପ୍ରତ୍ୟେକ ସାର୍ଟରେ ୪ଟି ବୋତାମ ଲଗାଇଛି । ସେ ୭ଟି ସାର୍ଟରେ ବୋତାମ ଲଗାଇବାକୁ ଚାହୁଁଛି ।



ସାର୍ଟ ସଂଖ୍ୟା = ☐

ପ୍ରତ୍ୟେକ ସାର୍ଟରେ ଲାଗିଥିବା ବୋତାମ ସଂଖ୍ୟା = ☐

☐ ଟି ବୋତାମ ଥିବା ☐ ଟି ସାର୍ଟ

☐ × ☐ = ☐ ଟି ବୋତାମ



୩. ରୀତା ୬ ଟି ପେନ୍‌ସିଲ କିଣିଲା । ପ୍ରତ୍ୟେକ ପେନ୍‌ସିଲର ଦାମ ୪ ଟଙ୍କା । ସେ ଦୋକାନୀଙ୍କୁ କେତେ ଟଙ୍କା ଦେବ ?

ପେନ୍‌ସିଲ ସଂଖ୍ୟା = ☐

୧ ଟି ପେନ୍‌ସିଲର ଦାମ = ☐

୬ ଟି ପେନ୍‌ସିଲର ଦାମ = ୪ + ୪ + ୪ + ୪ + ୪ + ୪

☐ × ☐ = ☐

ତେଣୁ, ରୀତା ଦୋକାନୀଙ୍କୁ ☐ ଟଙ୍କା ଦେବ ।

୪. ପାଞ୍ଚ ଜଣ ଲୋକ ଗୋଟିଏ କାର୍‌ରେ ବସିପାରିବେ । ଏହିପରି ୮ଟି କାର୍‌ରେ କେତେ ଜଣ ଲୋକ ବସିପାରିବେ ?

ଗୋଟିଏ କାର୍‌ରେ ବସିଥିବା ଲୋକଙ୍କ ସଂଖ୍ୟା = ☐

୮ଟି କାର୍‌ରେ ବସିଥିବା ଲୋକଙ୍କ ସଂଖ୍ୟା


= ☐ × ☐ = ☐

ତେଣୁ ୮ଟି କାର୍‌ରେ ☐ ଜଣ ଲୋକ ବସିପାରିବେ ।

## ଆସ ଗୁଣନ ଖନ୍ଦା ପ୍ରସ୍ତୁତ କରିବା


ରୁଦ୍ର ୨ର ଗୁଣନ ଖନ୍ଦା ବ୍ୟବହାର କରି ୪ର ଗୁଣନ ଖନ୍ଦା ତିଆରି କରୁଛି ।

| | | | | | | | | | | | |
|---|---|---|---|---|---|---|---|---|---|---|---|
| | ୨ | ୪ | ୬ | ୮ | ୧୦ | ୧୨ | ୧୪ | ୧୬ | ୧୮ | ୨୦ | (୨ର ଗୁଣନ ଖନ୍ଦା) |
| + | ୨ | ୪ | ୬ | ୮ | ୧୦ | ୧୨ | ୧୪ | ୧୬ | ୧୮ | ୨୦ | |
| | ୪ | ୮ | ୧୨ | ୧୬ | ୨୦ | ୨୪ | ୨୮ | ୩୨ | ୩୬ | ୪୦ | (୪ର ଗୁଣନ ଖନ୍ଦା) |




| | | | | | | | | | | | |
|---|---|---|---|---|---|---|---|---|---|---|---|
| | ୩ | ୬ | ☐ | ୧୨ | ☐ | ☐ | ୨୧ | ☐ | ☐ | ୩୦ | (୩ର ଗୁଣନ ଖନ୍ଦା) |
| + | ୩ | ☐ | ୯ | ☐ | ☐ | ୧୮ | ☐ | ୨୪ | ☐ | ☐ | (୩ର ଗୁଣନ ଖନ୍ଦା) |
| | ୬ | ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ | (୬ର ଗୁଣନ ଖନ୍ଦା) |






| | | | | | | | | | | | |
|---|---|---|---|---|---|---|---|---|---|---|---|
| | ୩ | ୬ | ୯ | ୧୨ | ୧୫ | ୧୮ | ୨୧ | ୨୪ | ୨୭ | ୩୦ | (୩ର ଗୁଣନ ଖନ୍ଦା) |
| + | ୪ | ୮ | ୧୨ | ୧୬ | ୨୦ | ୨୪ | ୨୮ | ୩୨ | ୩୬ | ୪୦ | (୪ର ଗୁଣନ ଖନ୍ଦା) |
| | **୭** | **୧୪** | **୨୧** | **୨୮** | **୩୫** | **୪୨** | **୪୯** | **୫୬** | **୬୩** | **୭୦** | (୭ର ଗୁଣନ ଖନ୍ଦା) |

୨ ଓ ୬ର ଗୁଣନ ଖନ୍ଦାରୁ ୮ର ଗୁଣନ ଖନ୍ଦା ପ୍ରସ୍ତୁତ କର ।

| | | | | | | | | | | | |
|---|---|---|---|---|---|---|---|---|---|---|---|
| | ୨ | ୪ | ☐ | ☐ | ୧୦ | ☐ | ୧୪ | ☐ | ୧୮ | ୨୦ | (୨ର ଗୁଣନ ଖନ୍ଦା) |
| + | ୬ | ☐ | ☐ | ☐ | ☐ | ୩୬ | ☐ | ୪୮ | ☐ | ☐ | (୬ର ଗୁଣନ ଖନ୍ଦା) |
| | **୮** | ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ | (୮ର ଗୁଣନ ଖନ୍ଦା) |



## ପ୍ରକଳ୍ପ କାର୍ଯ୍ୟ


ବୋତାମ, ବୋତଲଠିପି, ଗୋଡ଼ି, ବାଲିଗରଡ଼ା ଆଦି ୨୪ଟି ବସ୍ତୁ ସଂଗ୍ରହ କର । ସେଗୁଡ଼ିକୁ ବିଭିନ୍ନ ଆକାରରେ ସଜାଅ ଏବଂ ସମ୍ପର୍କିତ ଗୁଣନ ତଥ୍ୟ ଲେଖ । ନିମ୍ନରେ ଦିଆଯାଇଥିବା ସାରଣୀରେ ଉତ୍ତରଗୁଡ଼ିକ ଲେଖ ।

| ସମୂହ ସଂଖ୍ୟା | ଗୁଣନ ତଥ୍ୟ |
|---|---|
| ୪ ଗୋଟି ୩ | ୩ × ୪ |
| | |
| | |
| | |
| | |
| | |
| | |
| | |
| | |





# ଆସ ଭାଗ ବାଣ୍ଟିବା


ଗୋଲାପଜାମୁ
ମୋର ଇଚ୍ଛା, ମୁଁ ସବୁଗୁଡ଼ାକ ଖାଇଦେବି ।
ନାହିଁ ନାହିଁ ! ମୁଁ ମଧ୍ୟ ଖାଇବାକୁ ଚାହୁଁଛି । ଆସ ସେଗୁଡ଼ିକୁ ସମାନ ଭାଗରେ ବାଣ୍ଟିବା ।
କିନ୍ତୁ କିପରି ?
ମୁଁ ୧, ୧ କରି ବାଣ୍ଟିବି, ଦେଖ, ତୁମ ପାଇଁ ୧ ମୋ ପାଇଁ ୧ ।
ଆଉ ୧ ନିଅ । ବର୍ତ୍ତମାନ, ମୋ ପାଇଁ ୨ ତୁମ ପାଇଁ ୨ ।
ତୁମ ପାଇଁ ୩ ମୋ ପାଇଁ ୩
ତୁମ ପାଇଁ ୪, ମୋ ପାଇଁ ୪ ବର୍ତ୍ତମାନ ସେଗୁଡ଼ିକ ସମାନ ଭାଗରେ ବାଣ୍ଟି ହୋଇଗଲା ।
ହଁ ଭାଇ ! ମୁଁ ୪ଟି ଗୋଲାପଜାମୁ ଖାଇବାକୁ ଆଉ ଅପେକ୍ଷା କରିପାରିବି ନାହିଁ ।


କ. ମୋଟ କେତୋଟି ଗୋଲାପଜାମୁ ଥିଲା ?

ଖ. ସେମାନେ ସମାନ ଭାଗରେ ବାଣ୍ଟିଛନ୍ତି କି ? ହଁ / ନା


ଗ. ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ କେତୋଟି ଗୋଲାପଜାମୁ ମିଳିଥିଲା ?

## ଆସ କାମଟିକୁ କରିବା


୧. ୧୨ଟି ଟିକିଲିକୁ ଦୁଇଟି ଆଇସ୍‌କ୍ରିମ୍ ଚିତ୍ରରେ ସମାନ ଭାବରେ ଲଗାଇ ସଜାଅ ।



୨. ପୂଜା ପାଖରେ ୨ଟି ଥାଳି ଅଛି । ପ୍ରତ୍ୟେକ ଥାଳିରେ ଭିନ୍ନ ଭିନ୍ନ ସଂଖ୍ୟକ ଲଡୁ ଅଛି । ତାକୁ ୩ଟି ଥାଳିରେ ସମାନ ଭାଗରେ ବାଣ୍ଟିବାରେ ସାହାଯ୍ୟ କର ।
ତୁମେ ଲଡୁଗୁଡ଼ିକ ଆଙ୍କି ରଙ୍ଗ କର ।




## କେତୋଟି ବଳା ?



ମୁଁ ଗାରିମା । ମୋ ପାଖରେ ୨୦ଟି
ତାରକା ଆକୃତିର ମାଳି ଅଛି । ମୁଁ
୫ଟି ମାଳି ବ୍ୟବହାର କରି ଗୋଟିଏ
ଲେଖାଏଁ ବଳା ତିଆରି କରିବି ।
ଦେଖ, ୧ଟି ବଳା ପ୍ରସ୍ତୁତ ।
ଏହା ସୁନ୍ଦର ନୁହେଁ କି ?
ମୁଁ ୨ଟି ବଳା ତିଆରି କରିଛି ।
ବର୍ତ୍ତମାନ, ୧୦ଟି ମାଳି ବାକି ଅଛି ।
ଆସ ଦେଖିବା ଆମେ ଆଉ
କେତେ ଅଧିକ ତିଆରି କରିପାରିବା ।
ବାଃ ! ୩ଟି ବଳା
ପ୍ରସ୍ତୁତ ହୋଇଛି ।
ମୁଁ ଶେଷରେ ସମସ୍ତ ମାଳି
ବ୍ୟବହାର କରିଛି ।



## ଆସ ତିଆରି କରିବା


୧. ପ୍ରତ୍ୟେକ ମାଳରେ ୭ଟି ମାଳି ଅଛି ।





ଆମେ ୨୧ଟି ମାଳିରେ କେତୋଟି ମାଳ ତିଆରି କରିପାରିବା ? [ ]


୨. ୫୪ଟି ଫୁଲ ଅଛି । ଆମକୁ ୯ଟି ଫୁଲରେ ୧ଟି ବଳା ତିଆରି କରିବାକୁ ହେବ।





୫୪ଟି ଫୁଲରେ ଆମେ କେତୋଟି ବଳା ତିଆରି କରିପାରିବା ? [ ]

୩. ୨୫ଟି ଗୋଲାପଫୁଲ ଅଛି । ୫ଟି ଗୋଲାପଫୁଲକୁ ଗୋଟିଏ ଫୁଲଦାନୀରେ ରଖାଯାଇପାରିବ । ୨୫ଟି ଗୋଲାପଫୁଲ ରଖିବା ପାଇଁ କେତୋଟି ଫୁଲଦାନୀ ଆବଶ୍ୟକ ?






[ ] ଟି ଫୁଲଦାନୀ ଆବଶ୍ୟକ ।




୪.   ୨୭ଟି ମହମବତୀ ଅଛି । ସେଗୁଡ଼ିକୁ ସମାନ ଭାଗରେ ୩ଟି ବାକ୍ସରେ ରଖିଲେ ପ୍ରତ୍ୟେକ ବାକ୍ସରେ କେତୋଟି ମହମବତୀ ରହିବ ?



ପ୍ରତ୍ୟେକ ବାକ୍ସରେ [ ] ଟି ମହମବତୀ ରହିବ ।

୫.   ଜଣେ ଦର୍ଜୀ ଗୋଟିଏ ସାର୍ଟରେ ୬ଟି ବୋତାମ ଲଗାଇଥାଏ । ଏଠାରେ ୩୦ଟି ବୋତାମ ଅଛି ।



ଦର୍ଜୀ ୩୦ଟି ବୋତାମକୁ [ ] ଟି ସାର୍ଟରେ ଲଗାଇପାରିବ ।



୬.   ୩ଟି ମାଙ୍କଡ଼ ମଧ୍ୟରେ ସମାନ ଭାଗରେ ୨୪ଟି କଦଳୀକୁ ବାଣ୍ଟ ।



ପ୍ରତ୍ୟେକ ମାଙ୍କଡ଼ [ ] ଟି କଦଳୀ ପାଇବ ।




# ୯ ଋତୁ ପସରା



ଧରଣୀ ରାଣୀ-
ଛଅଟି ଋତୁକୁ ଆଣଇ ଟାଣି
ଗ୍ରୀଷ୍ମ, ବରଷା, ଶରତ, ହେମନ୍ତ
ଶୀତ ଓ ବସନ୍ତ ଦେଖାନ୍ତି ଠାଣି ।

ଗ୍ରୀଷ୍ମ ଋତୁରେ -
ଦିନ ବଡ଼, ରାତି ଛୋଟ ହୁଏରେ
ଦେହୁ ଗମ ଗମ ଝାଳ ବହିଯାଏ
ସୂରୁଜ କିରଣ ଢାଳେ ପ୍ରଖରେ ।





ବରଷା ରାଣୀ-
ଟୁପୁରୁ ଟୁପୁରୁ ବରଷେ ପାଣି
ମୟୂର ନାଚଇ ପୁଚ୍ଛକୁ ହଲାଇ
ସବୁଜ ସୁନ୍ଦର ଦିଶେ ଧରଣୀ ।

শরত আসে –

ନିରିମଳ ଧରା ଶୋଭା ପ୍ରକାଶେ
ଜଳ, ସ୍ଥଳ, ନଭ ଦିଶଇ ସୁନ୍ଦର
କାକର ଟୋପାରେ ସ୍ନେହ ପରଶେ ।





ହେମନ୍ତ ଋତୁ –
ସୁନା ରୂପା ହୁଏ ସବୁଜ କ୍ଷେତ
ଚଷା ଭାଇ ମନ ପୁଲକିତ ହୁଏ
ମନଲୋଭା ରୂପ ନିଏ ଜଗତ ।

ଆହାରେ ଶୀତ–
ଉଷୁମ ଖାଇଲେ ଦେହକୁ ହିତ
ଶୀତ ବସନରେ ଦେହକୁ ଘୋଡ଼ାଇ
ଶୀତ ସହ ଚାଲ ବସିବା ମିତ ।

ବସନ୍ତ ରାଜା–
ଫୁଲ ଫଳେ ସତେ ହୋଇଛି ସଜା
କୋଇଲି ଶୁଣାଏ ସୁମଧୁର ଗୀତ
ଋତୁରାଜ ଋତୁମାନଙ୍କ ରାଜା ।



## ଆସ ଆଲୋଚନା କରିବା

(କ) ତୁମେ କେଉଁ ଋତୁରେ ଛୁଟିରେ ବୁଲିବାକୁ ଯାଅ ?
(ଖ) ତୁମେ ତୁମର ଜନ୍ମଦିନ କେଉଁ ଋତୁରେ ପାଳନ କର ?
(ଗ) କେଉଁଟି ତୁମର ପ୍ରିୟ ଋତୁ ଓ କାହିଁକି ?
(ଘ) ତୁମ ପ୍ରିୟ ଋତୁର ବିଶେଷତ୍ୱ କ'ଣ ?

କବିତାଟି ଉଚ୍ଚ ସ୍ୱରରେ ଆବୃତ୍ତି ଓ ଅଭିନୟ କରନ୍ତୁ । ପିଲାମାନଙ୍କ ସହିତ ବିଭିନ୍ନ ଋତୁରେ ବ୍ୟବହାର କରୁଥିବା ସ୍ୱତନ୍ତ୍ର ଜିନିଷ ସମ୍ପର୍କରେ ଆଲୋଚନା କରନ୍ତୁ । ସେମାନଙ୍କ ଅଞ୍ଚଳରେ ମିଳୁଥିବା ଖାଦ୍ୟ ଓ ପୋଷାକ ସମ୍ପର୍କରେ କଥାବାର୍ତ୍ତା କରନ୍ତୁ । ଆଞ୍ଚଳିକ ଭିନ୍ନତା କିପରି ଲୋକମାନଙ୍କ ଜୀବନଶୈଳୀ ଉପରେ ପ୍ରଭାବ ପକାଏ ଆଲୋଚନା କରନ୍ତୁ ।






## ଋତୁଗୁଡ଼ିକର ଚିତ୍ର ସହିତ ତା'ର ନାମ ଏବଂ ପର୍ବଗୁଡ଼ିକୁ ଯୋଡ଼ ।




**ଶରତ**
ଦଶହରା, କୁମାର ପୂର୍ଣ୍ଣିମା,
ଦୀପାବଳୀ



**ଗ୍ରୀଷ୍ମ**
ଅକ୍ଷୟ ତୃତୀୟା,
ବୁଦ୍ଧ ପୂର୍ଣ୍ଣିମା, ରାମ ନବମୀ,
ପଣା ସଂକ୍ରାନ୍ତି



**ବସନ୍ତ**
ମକର ସଂକ୍ରାନ୍ତି,
ଶିବରାତ୍ରୀ, ହୋଲି,
ସରସ୍ୱତୀ ପୂଜା




**ଶୀତ**
ଶାମ୍ବ ଦଶମୀ, ଖ୍ରୀଷ୍ଟମାସ,
ଗଣତନ୍ତ୍ର ଦିବସ,
ଗୁରୁନାନକ ଜୟନ୍ତୀ



**ବର୍ଷା**
ଜନ୍ମାଷ୍ଟମୀ, ରାକ୍ଷୀ ପୂର୍ଣ୍ଣିମା,
ସ୍ୱାଧୀନତା ଦିବସ, ରଥଯାତ୍ରା

ଋତୁଗୁଡ଼ିକୁ ଆଞ୍ଚଳିକ ଭାଷାରେ କ'ଣ କୁହନ୍ତି ସେହି ବିଷୟରେ ଆଲୋଚନା କରନ୍ତୁ । ଇଦ୍ ପରି ଅନ୍ୟ ପର୍ବଗୁଡ଼ିକ ବିଷୟରେ ସେମାନଙ୍କୁ କୁହନ୍ତୁ ଯାହା ଋତୁକାଳୀନ ନୁହେଁ ।





# କ୍ୟାଲେଣ୍ଡର ମଜା

**ଜାନୁଆରୀ (ପୌଷ-ମାଘ)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

**ଫେବୃଆରୀ (ମାଘ-ଫାଲଗୁନ)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | |

**ମାର୍ଚ୍ଚ (ଫାଲଗୁନ-ଚୈତ୍ର)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

**ଅପ୍ରେଲ (ଚୈତ୍ର-ବୈଶାଖ)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

**ମଇ (ବୈଶାଖ-ଜ୍ୟେଷ୍ଠ)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

**ଜୁନ (ଜ୍ୟେଷ୍ଠ-ଆଷାଢ଼)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

**ଜୁଲାଇ (ଆଷାଢ଼-ଶ୍ରାବଣ)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

**ଅଗଷ୍ଟ (ଶ୍ରାବଣ-ଭାଦ୍ରବ)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

**ସେପ୍ଟେମ୍ବର (ଭାଦ୍ରବ-ଆଶ୍ୱିନ)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

**ଅକ୍ଟୋବର (ଆଶ୍ୱିନ-କାର୍ତ୍ତିକ)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

**ନଭେମ୍ବର (କାର୍ତ୍ତିକ-ମାର୍ଗଶିର)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

**ଡିସେମ୍ବର (ମାର୍ଗଶିର-ପୌଷ)**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

*(୨୦୨୫ ଉପରେ ଆଧାରିତ କ୍ୟାଲେଣ୍ଡର)*

## କ୍ୟାଲେଣ୍ଡରକୁ ଦେଖ ଏବଂ ସାରଣୀ ପୂରଣ କର ।

| ମାସଗୁଡ଼ିକ | ଦିନ ସଂଖ୍ୟା |
|---|---|
| ଜାନୁଆରୀ, ମାର୍ଚ୍ଚ, ମଇ, ଜୁଲାଇ, ଅଗଷ୍ଟ, ଅକ୍ଟୋବର, ଡିସେମ୍ବର | |
| ଫେବୃଆରୀ | |
| ଅପ୍ରେଲ, ଜୁନ, ସେପ୍ଟେମ୍ବର, ନଭେମ୍ବର | |





## ଆସ କଥା ହେବା

୧. ଆମେ କାହିଁକି କ୍ୟାଲେଣ୍ଡର ବ୍ୟବହାର କରୁ ?

୨. ପ୍ରତିବର୍ଷ ଫେବୃଆରୀରେ ସମାନ ସଂଖ୍ୟକ ଦିନ ଅଛି କି ? ଆଲୋଚନା କର ।

୩. ଗୋଟିଏ ସପ୍ତାହରେ କେତେ ଦିନ ଅଛି ? [ ] ଦିନ

୪. ପୂର୍ବ ପୃଷ୍ଠାରେ ଦିଆଯାଇଥିବା କ୍ୟାଲେଣ୍ଡରରେ ଅପ୍ରେଲ ମାସରେ କେତୋଟି ରବିବାର ଅଛି ? [ ] ଟି ରବିବାର ।

୫. କେଉଁ ମାସଗୁଡ଼ିକରେ ୫ଟି ରବିବାର ଅଛି ? ________, ________, ________, ________, __________,

୬. ଗ୍ରୀଷ୍ମ ଛୁଟି __________ ମାସରେ ହୁଏ ।

୭. ଶୀତକାଳୀନ ଛୁଟି __________ ମାସରେ ହୁଏ ।

୮. ଅପ୍ରେଲ ଏବଂ ମାର୍ଚ୍ଚ ମାସରେ ମୋଟ ଦିନ ସଂଖ୍ୟା କେତେ ?

[ ] ଦିନ + [ ] ଦିନ = [ ] ଦିନ



## ପ୍ରକଳ୍ପ କାର୍ଯ୍ୟ

ତୁମ ଜନ୍ମଦିନ ମାସର କ୍ୟାଲେଣ୍ଡର ପ୍ରସ୍ତୁତ କର ଏବଂ ଏଥିରେ ତୁମ ଜନ୍ମଦିନକୁ ଚିହ୍ନଟ କର ।



| | | | | | | |
|---|---|---|---|---|---|---|
| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

ଆମର ଦୈନନ୍ଦିନ ଜୀବନରେ କ୍ୟାଲେଣ୍ଡରର ଗୁରୁତ୍ୱ ବିଷୟରେ ଆଲୋଚନା କରନ୍ତୁ ।





## କେତେ ସମୟ ଲାଗେ ?

କାର୍ଯ୍ୟ / ଘଟଣାଗୁଡ଼ିକ ସମ୍ପୂର୍ଣ୍ଣ ହେବା ପାଇଁ କେତେ ସମୟ ଆବଶ୍ୟକ - ଘଣ୍ଟା, ଦିନ ଓ ମାସରେ ଗାର ଟାଣି ଯୋଡ଼ ।



ରାନ୍ଧିବା




ଘର ତିଆରି କରିବା



ଗୋଟିଏ ପାଣି ଟାଙ୍କି ଭର୍ତ୍ତି ହେବା



ଗୋଟିଏ ସୁଇଟର ବୁଣିବା






ଖେଳିବା



ମଞ୍ଜି ଗଛରେ ପରିଣତ ହେବା




ଋତୁ ପରିବର୍ତ୍ତନ



ଯୋଗାସନ କରିବା

ଅନ୍ୟାନ୍ୟ ଜିନିଷ ବିଷୟରେ ଆଲୋଚନା କରନ୍ତୁ ଯାହା ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ସମୟ ଅବଧି ନେଇଥାଏ ।




ପୁରୀକୁ ଯାତ୍ରା
ତାରିଖ : ୨୪ ନଭେମ୍ବର
ସମୟ : ସକାଳ ୮:୨୫
ସମ୍ବଲପୁର
ଶୀଘ୍ର ଆସ, ଟ୍ରେନ୍ ଛାଡ଼ିବ ।
ତାରିଖ : ୨୪ ନଭେମ୍ବର
ସମୟ : ଅପରାହ୍ଣ ୩:୧୫
ଏବେ ଅପରାହ୍ଣ ୩.୧୫ । ଜେଜେବାପା, ଆଇଙ୍କ ଘରେ ପହଞ୍ଚିବାକୁ ଆଉ କେତେ ସମୟ ଲାଗିବ ?
ପୁରୀ ରେଳ ଷ୍ଟେସନରେ ପହଞ୍ଚିବାକୁ ଆଉ ୧ ଘଣ୍ଟା ବାକି ଅଛି ।
ତାରିଖ : ୨୫ ନଭେମ୍ବର
ସମୟ : ରାତ୍ରି ୧୦.୦୦
ପ୍ରଭୁ ତୁମକୁ ଆଶୀର୍ବାଦ କରନ୍ତୁ ।
ହଁ ଝିଅ ! ଆଜି ତାଙ୍କର ବାହାଘର ।
ମାଆ ! ଆଜି ଆମେ ବହୁତ ମଜା କଲୁ ଏବଂ ମାମୁଙ୍କୁ ଦେଖ, ସେ ବହୁତ ସୁନ୍ଦର ଦେଖାଯାଉଛନ୍ତି ।
ତାରିଖ : ୨୬ ନଭେମ୍ବର
ସମୟ : ସକାଳ ୮:୦୦
ମାଆ ! ଆଜି ଆମେ କିଛି ଦର୍ଶନୀୟ ସ୍ଥାନ ଦେଖିବା ପାଇଁ ଯାଇପାରିବା କି ?
ହଁ, ଆମେ ସକାଳ ୯.୦୦ଟାରେ ଭୁବନେଶ୍ବର ଯାଇ ସେଠାରେ ଖଣ୍ଡଗିରି ଗୁମ୍ଫା ବୁଲିବା ।


ତାରିଖ: ୨୬ ନଭେମ୍ବର
ସମୟ: ସନ୍ଧ୍ୟା ୫.୦୦
ଜେଜେ ମା' ଦେଖ, ଏହି ଗଛ କେତେ ସୁନ୍ଦର । ଏଠାରେ ମଧ୍ୟ ବହୁତ ସୁନ୍ଦର ଫୁଲ ଫୁଟିଛି ।
ପିଲାମାନେ, ଏବେ ସନ୍ଧ୍ୟା ୫.୦୦ । ଆମର ଡେରି ହେଇଯିବ । ଚାଲ ଫେରିଯିବା ।


କୋଣାର୍କ
ଆମେ ୮ ଘଣ୍ଟା ପରେ ଫେରିବା ।
ତାରିଖ: ୨୭ ନଭେମ୍ବର
ସମୟ: ସକାଳ ୯:୦୦
ସମସ୍ତେ ସକାଳ ୯.୦୦ରେ ବସ୍ ଯୋଗେ କୋଣାର୍କ ଯିବାକୁ ସ୍ଥିର କଲେ ।
ଠିକ ଅଛି, ଆପଣମାନେ କୋଣାର୍କ ମନ୍ଦିର ଯିବେ । ମୁଁ ସମସ୍ତଙ୍କୁ ନେବା ପାଇଁ ୮ ଘଣ୍ଟା ପରେ ଆସିବି । ଆପଣ ମାନେ ଖୁସିରେ ବୁଲନ୍ତୁ ।


ତାରିଖ: ୨୮ ନଭେମ୍ବର
ସମୟ: ସକାଳ ୫:୦୦
ବାପା, ଆମର ଯାତ୍ରା ସରିଲା । ବର୍ତ୍ତମାନ ଆମକୁ ନିଜ ଘର ସମ୍ବଲପୁରକୁ ଫେରିବାକୁ ପଡ଼ିବ । ବନ୍ଦେ ଭାରତ, ଭାରତର ଦ୍ରୁତତମ ଟ୍ରେନ୍ ଯୋଗେ ଆମେ ଯାତ୍ରା କରିବା । ଟ୍ରେନ୍ ଏବେ ଆସିଯିବ ।
ହଁ
2
ବାଃ !


ତାରିଖ: ୨୮ ନଭେମ୍ବର
ସମୟ: ଦିନ ୧୦:୩୦
ହଁ, ଆମେ ଖୁବ୍ ଶୀଘ୍ର ପୁନର୍ବାର ଏପରି ଯାତ୍ରା କରିବା ।
୧୦:୩୦
ICF
ମାଆ, ମୁଁ ମୋର ସାଙ୍ଗମାନଙ୍କୁ ଏହି ସୁନ୍ଦର ଯାତ୍ରା ବିଷୟରେ କହିବାକୁ ଆଉ ଅପେକ୍ଷା କରିପାରୁ ନାହିଁ ।

## ଆସ କଥା ହେବା

୧. ପରିବାରର ଲୋକମାନେ ଯାତ୍ରା ପାଇଁ କାହିଁକି ଯୋଜନା କରିଥିଲେ ? ସେମାନେ କେଉଁ ସ୍ଥାନକୁ ଯାତ୍ରା କରିଥିଲେ ? ସେମାନଙ୍କ ଯାତ୍ରା ବିଷୟରେ ତୁମକୁ କ'ଣ ଭଲ ଲାଗିଲା ?

୨. ସେମାନେ କେଉଁ ଦିନ ଯାତ୍ରା ଆରମ୍ଭ କଲେ ଓ କେବେ ଫେରିଲେ ? ସେମାନେ ମୋଟ କେତେ ଦିନ ଯାତ୍ରା କଲେ ?

୩. ସେମାନେ ଯାତ୍ରା ସମୟରେ କେଉଁସବୁ ସ୍ଥାନ ବୁଲି ଦେଖିଥିଲେ ?

୪. ସେମାନେ କେତେ ଘଣ୍ଟା ଯାତ୍ରା କରିଥିଲେ ?

କ. ସମ୍ବଲପୁରଠାରୁ ପୁରୀ ______ ଘଣ୍ଟା

ଖ. ପୁରୀଠାରୁ ସମ୍ବଲପୁର ______ ଘଣ୍ଟା

୫. ଦୁଇଟି ଯାତ୍ରା ମଧ୍ୟରେ କେଉଁଟି ଅଧିକ ସମୟ ନେଲା ? ______

୬. ତୁମେ କେଉଁଆଡ଼େ ବୁଲି ଯାଇଛ ? ______

୭. ଏହି ଯାତ୍ରା ସମୟରେ ତୁମକୁ କ'ଣ ସବୁଠାରୁ ଭଲ ଲାଗିଲା ? ______

## ଆଶ୍ଚର୍ଯ୍ୟଜନକ ତଥ୍ୟ

**ତୁମେ ଜାଣିଛ କି ?**


'ବନ୍ଦେ ଭାରତ' ହେଉଛି ଭାରତର ଦ୍ରୁତଗାମୀ ଟ୍ରେନ୍ । ଏହି ଟ୍ରେନ୍ ଭାରତରେ ନିର୍ମିତ ହୋଇଛି । ଏହା ଏକୀକୃତ ଇଞ୍ଜିନ୍ ଥିବା ଭାରତର ପ୍ରଥମ ଟ୍ରେନ୍ ଅଟେ ଏବଂ ଏହାର ଅଲଗା ଇଞ୍ଜିନ୍ କୋଚ୍ ନାହିଁ ।



ପିଲାମାନଙ୍କ ସହିତ ସେମାନଙ୍କର ଭ୍ରମଣ ଅଭିଜ୍ଞତା ବିଷୟରେ ଦିନ ଏବଂ ଘଣ୍ଟା ଦୃଷ୍ଟିରୁ ସମୟର ଧାରଣା ସହିତ ପରିଚିତ ହେବା ପାଇଁ କଥାବାର୍ତ୍ତା କରନ୍ତୁ । ସେମାନଙ୍କ ଅଞ୍ଚଳର ବିଶେଷତ୍ୱ କ'ଣ ତାହା ମଧ୍ୟ ଆଲୋଚନା କରନ୍ତୁ ।

# ଗାର୍ଗୀର ଦୈନିକ କାର୍ଯ୍ୟସୂଚୀ

ଆସ ଦେଖିବା, ଗାର୍ଗୀ ଗୋଟିଏ ଦିନ କିପରି କଟାଉଛି । ପ୍ରତ୍ୟେକ ଚିତ୍ର ପାଇଁ ସମୟ ଲେଖ ।






## ଆସ କଥା ହେବା

**ଛୋଟ କଣ୍ଟା (ଘଣ୍ଟା କଣ୍ଟା) ଓ ବଡ଼ କଣ୍ଟା (ମିନିଟ୍ କଣ୍ଟା)ର ସ୍ଥିତିକୁ ଦେଖ । ଗାର୍ଗୀ ଦିନରେ କେଉଁ ସମୟରେ ଏହି ସବୁ କାର୍ଯ୍ୟ କରେ ତାହା ଲେଖ ।**

କ. ସେ କେଉଁ ସମୟରେ ଶେଯରୁ ଉଠେ ? ☐

ଖ. ସେ କେଉଁ ସମୟରେ ବିଦ୍ୟାଳୟକୁ ଯାଏ ? ☐


ଗ. ସେ କେଉଁ ସମୟରେ ମଧ୍ୟାହ୍ନ ଭୋଜନ ଖାଏ ? ☐






## ଆସ କାମଟିକୁ କରିବା

### ୧. ଘଣ୍ଟାର ଚିତ୍ର ଦେଖି ସମୟ ଲେଖ ।




| | | | |
|---|---|---|---|
| _____ଘଣ୍ଟା | _____ଘଣ୍ଟା | _____ଘଣ୍ଟା | _____ଘଣ୍ଟା |

### ୨. କୋଠରିରେ ଲେଖାଥିବା ସମୟ ଅନୁସାରେ ଘଣ୍ଟା ଚିତ୍ରରେ ଘଣ୍ଟାକଣ୍ଟା ଏବଂ ମିନିଟ୍ କଣ୍ଟା ଅଙ୍କନ କର ।



| | | |
|---|---|---|
| ୩ ଘଣ୍ଟା | ୧୧ ଘଣ୍ଟା | ୪ ଘଣ୍ଟା |



| | | |
|---|---|---|
| ୯ ଘଣ୍ଟା | ୧୨ ଘଣ୍ଟା | ୬ ଘଣ୍ଟା |



## ୩. ତୁମେ ନିମ୍ନରେ ପ୍ରଦର୍ଶିତ କାର୍ଯ୍ୟଗୁଡ଼ିକୁ କେତେବେଳେ କର ?

ଘଣ୍ଟା କଣ୍ଟା ଏବଂ ମିନିଟ୍ କଣ୍ଟା ଅଙ୍କନ କରି ସମୟକୁ ଘଣ୍ଟା ଉପରେ ଚିହ୍ନିତ କର ।




ପାଠ ପଢ଼ିବା





ଖେଳିବା



ମଧ୍ୟାହ୍ନ ଭୋଜନ ଖାଇବା










## ଆସ ଖେଳିବା - ଦିଗ ଜାଣିବା

ଯେକୌଣସି ଗୋଟିଏ ପିଲା ଆଗକୁ ଆସିବ । ତା' ଆଖିରେ ପଟି ବାନ୍ଧି ଦିଅ । ଅନ୍ୟ ଯେକୌଣସି ପିଲା ପଟି ବାନ୍ଧି ଥିବା ପିଲାକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ କହିବ । (ଉଦାହରଣ ସ୍ୱରୂପ, ଶେଷ ବେଞ୍ଚରୁ କଳାପଟା ପାଖକୁ ଯାଅ) । ନିର୍ଦ୍ଦେଶଗୁଡ଼ିକ ପାଇଁ କେବଳ ଏହି ଶବ୍ଦଗୁଡ଼ିକ ବ୍ୟବହାର କର- ଡାହାଣ, ବାମ କିମ୍ବା ସିଧା ।

ବିଭିନ୍ନ ପିଲା ନିଜେ ଆଗକୁ ଆସି ଖେଳିବେ । ୫-୭ଥର ଯାଏ ଏହି ଖେଳ ଚାଲିବ । ଯେତେବେଳେ ଶ୍ରେଣୀଗୃହରେ ଥିବା ବସ୍ତୁଗୁଡ଼ିକ ସହିତ ପିଲାଟି ଧକ୍କା ହେବାକୁ ଯାଉଥିବ, ସେତେବେଳେ ଅନ୍ୟ ପିଲାମାନେ 'ବିପଦ' ବୋଲି କହିବେ, ପିଲାଟି ସ୍ଥିତି ବଦଳାଇ ଅନ୍ୟ ଆଡ଼କୁ ଯିବ । ତୁମେ ଖେଳରେ ମଜା ଆଣିବା ପାଇଁ ଶ୍ରେଣୀ ଗୃହରେ ଥିବା ବସ୍ତୁଗୁଡ଼ିକର ସ୍ଥାନକୁ ପରିବର୍ତ୍ତନ କରିପାର ।




### ସାରାର ବିଦ୍ୟାଳୟକୁ ଯିବା ରାସ୍ତା

ସାରା ବିଦ୍ୟାଳୟରେ ପହଞ୍ଚିବା ପାଇଁ ସବୁଜ ରେଖା ଚିହ୍ନିତ ରାସ୍ତାରେ ଯାଇଥାଏ । ବର୍ତ୍ତମାନ ଆସ୍ଥା ଏବଂ ଲିଜାଙ୍କୁ ନିଜ ଘରୁ ବିଦ୍ୟାଳୟକୁ ଯିବା ପାଇଁ ଭିନ୍ନ ରଙ୍ଗର ଏକ ରେଖା ଅଙ୍କନ କର ।

ଦିଗ ଜାଣିବା ପାଇଁ ମୋବାଇଲ ଆପ୍ଲିକେସନର ବ୍ୟବହାର କରି, ବିଭିନ୍ନ ସ୍ଥାନ ଚିହ୍ନଟ କରିହେବ । ଏହି ବିଷୟରେ ଆଲୋଚନା କରନ୍ତୁ ।

# ଆସ ଗାଇବା ଦିଗ ଜାଣିବା

ଜାଗରେ ଜାଗ
ସୂରୁଜ ଉଇଁଛି ପୂରୁବ ଦିଗେ
ପୂରୁବ ଦିଗରେ ସୂରୁଜ ମୁଖେ
ସୂର୍ଯ୍ୟ ନମସ୍କାର କରିବା ସୁଖେ ।

ଜାଣରେ ଦିଗ
ପୂରୁବ-ପଶ୍ଚିମ ଦୁଇଟି ଭାଗ
ପୂର୍ବ ଦିଗେ ଯଦି ମୁହଁକୁ ରଖ
ମୁହଁ ପଛପଟେ ପଶ୍ଚିମ ଦେଖ ।




ଡାହାଣେ ରହିବ ଦକ୍ଷିଣ ଦିଗ
ମୁଣ୍ଡ ରଖି ନିଦେ ଶୋଇବ ଆଗ
ଦିଗ ଉତ୍ତର
ପୂରୁବ ଦିଗକୁ ଚାହିଁ ସତ୍ୱର
ବାମ ହାତ ପଟେ ତାକୁ ପାଇବ
ଧ୍ରୁବତାରା ଯହିଁ ଝଲସୁଥିବ ।

ଅଙ୍ଗଭଙ୍ଗୀ ସହିତ କବିତା ଗାନ କରନ୍ତୁ । ପିଲାମାନଙ୍କୁ ଦିଗଗୁଡ଼ିକ ଚିହ୍ନଟ କରିବାରେ ସାହାଯ୍ୟ କରନ୍ତୁ । ପିଲାମାନଙ୍କୁ ସେମାନଙ୍କ ନିକଟସ୍ଥ ପରିବେଶରୁ ଉଦାହରଣ ଦିଆଯିବା ଉଚିତ ଯାହା ଦ୍ୱାରା ସେମାନେ ଏହି ଶବ୍ଦର ସ୍ଥାନିକ ପ୍ରାସଙ୍ଗିକତା ବୁଝିପାରିବେ ।



## ଆସ କାମଟିକୁ କରିବା

**ନିମ୍ନରେ ଥିବା ଶ୍ରେଣୀଗୃହକୁ ଦେଖ ଏବଂ ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ଶବ୍ଦ ବ୍ୟବହାର କରି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (କମ୍ପାସକୁ ଦେଖ)**







କ. ଗୁରଜିତ୍‌ର ଡେସ୍କ ସାରାର ଡେସ୍କର ________ ଦିଗରେ ଅଛି ।

ଖ. ଆଲମିରାଟି ଅସରଫ ଡେସ୍କର ________ ଦିଗରେ ଅଛି ।

ଗ. କଳାପଟା ନିକଟରେ ପହଞ୍ଚିବା ପାଇଁ ମୀରାକୁ ପ୍ରଥମେ ________ ଏବଂ ତା'ପରେ ________ଦିଗ ଆଡ଼କୁ ଚାଲିବାକୁ ପଡ଼ିବ ।

ଘ. ଝରକାରେ ପକ୍ଷୀମାନଙ୍କୁ ଖାଇବାକୁ ଦେବା ପାଇଁ ନିତିନ୍‌କୁ ପ୍ରଥମେ ________ ଦିଗ ଏବଂ ତା'ପରେ ________ ଦିଗକୁ ଚାଲିବାକୁ ପଡ଼ିବ ।

କମ୍ପାସ ଏବଂ ଏହାର ବ୍ୟବହାର ବିଷୟରେ ଆଲୋଚନା କରନ୍ତୁ । ବିଭିନ୍ନ ବହିରୁ ବସ୍ତୁର ଦିଗ ଜାଣିବା ପାଇଁ ପିଲାମାନଙ୍କୁ ଏକ କମ୍ପାସ୍ ବ୍ୟବହାର କରିବାକୁ କୁହନ୍ତୁ ।





# ୧୦ ମେଳାରେ ମଜା

ରୁପାଲୀ ମେଳା ବୁଲିବାକୁ ଭଲ ପାଏ । ସେ ସାଙ୍ଗମାନଙ୍କ ସହିତ ସ୍ଥାନୀୟ ମେଳା ବୁଲିବାକୁ ଗଲା । ତା' ମାଆ ତାକୁ ୫୦ ଟଙ୍କା ଦେଇଥିଲେ । ସେ ଏହି ଟଙ୍କାର ଅଧିକ ଭାଗ ଖେଳିବା ପାଇଁ ଖର୍ଚ୍ଚ କଲା ।




ମେଳାରେ ବୁଲିବାକୁ ପିଲାମାନେ କାହା ସହିତ ଯାଆନ୍ତି, ସେଠାରେ କ'ଣ ସବୁ କିଣନ୍ତି ? କେତେ ଟଙ୍କା ଖର୍ଚ୍ଚ କରନ୍ତି ? କେଉଁ ସବୁ ଜିନିଷ ଦେଖନ୍ତି ? ସେ ବିଷୟରେ ଆଲୋଚନା କରନ୍ତୁ ।



## ମୁଁ କେତେ ଖର୍ଚ୍ଚ କଲି ?




୧୦ ଟଙ୍କା







ଖେଳିବାରେ ଖର୍ଚ୍ଚ ହୋଇଥିବା ମୋଟ ଟଙ୍କା =

| ରୁପାଲୀର ମା' ରୁପାଲୀକୁ ଦେଇଥିବା ଟଙ୍କା | – | ଖର୍ଚ୍ଚ ହୋଇଥିବା ଟଙ୍କା | = | ରୁପାଲୀ ପାଖରେ ବଳକା ଥିବା ଟଙ୍କା |
|---|---|---|---|---|

ରୁପାଲୀର ଜଣେ ସାଙ୍ଗ ପାଖରେ ୫୦ ଟଙ୍କାରୁ ୮ ଟଙ୍କା ବଳକା ଅଛି । ସେ ଜାଣିବାକୁ ଚାହୁଁଥିଲା ଯେ ସେ କେତେ ଟଙ୍କା ଖର୍ଚ୍ଚ କରିଛି । ଆସ, ଏହାର ଉପାୟ ଜାଣିବା ।




ଟ.୮ + ଟ.୨୦ = ଟ.୨୮
ଟ.୨୮ + ଟ.୨୦ = ଟ.୪୮
ଟ.୪୮ + ଟ.୨ = ଟ.୫୦

ଟ.୪୨


ତୁମ ବାପା ମେଳା ପାଇଁ ତୁମକୁ ୪୦ ଟଙ୍କା ଦେଇଥିଲେ, ଯଦି ତୁମ ପାଖରେ ୩ ଟଙ୍କା ବଳକା ରହିଲା, ତେବେ ତୁମେ କେତେ ଟଙ୍କା ଖର୍ଚ୍ଚ କଲ ?





## ଆସ କାମଟିକୁ କରିବା

୧. ତୁମକୁ ଟିକେଟ କିଣିବା ପାଇଁ କେତେ ଟଙ୍କା ଦରକାର ହେବ ?

| ଖେଳର ନାମ | ଟିକେଟ ସଂଖ୍ୟା | ମୋଟ ଟଙ୍କା |
|---|---|---|
| ଟ.୨୦  | ୨ | ଟ. ____ |
| ଟ.୧୦  | ____ | ଟ. ୩୦ |
| ଟ.୧୫  | ୨ | ଟ. ____ |

୨. ଆମେ ରୁପାଲୀ ଏବଂ ତାଙ୍କ ସାଙ୍ଗମାନଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ନୋଟ୍ ଏବଂ ମୁଦ୍ରା ଦେଖିଲେ । ଆସ, ସାଧାରଣ ଭାବରେ ବ୍ୟବହୃତ ଅନ୍ୟ ଭାରତୀୟ ମୁଦ୍ରାକୁ ଦେଖିବା ।




ଟ.୧୦୦




ଟ.୨୦୦





ଟ.୫୦୦



୩. ୫୦୦ ଟଙ୍କିଆ ନୋଟରେ ୫୦୦ କେତେଥର ଲେଖାଯାଇଛି ଗଣ ? ଶିକ୍ଷକ କିମ୍ବା ବୟସ୍କମାନଙ୍କ ସହାୟତା ନେଇ କରିପାରିବ ।








କ. ପାଞ୍ଚଶହ ଟଙ୍କା ________ ଥର ଅକ୍ଷରରେ ଲେଖାଯାଇଛି ।

ଖ. ୫୦୦ କେତେଥର ସଂଖ୍ୟାରେ ଲେଖାଯାଇଛି ।

୫୦୦ ଟଙ୍କାର ନୋଟରେ କେଉଁ ସ୍ମାରକୀ ଛପାଯାଇଛି ? ତୁମେ ଏହି ସ୍ମାରକୀ ଦେଖିଛ କି ?





ପିଲାମାନଙ୍କୁ ଅନ୍ୟ ମୁଦ୍ରା ଓ ନୋଟ୍‌ଗୁଡ଼ିକୁ ନିରୀକ୍ଷଣ କରିବାକୁ କୁହନ୍ତୁ ଏବଂ ସେଗୁଡ଼ିକର ବୈଶିଷ୍ଟ୍ୟ ବିଷୟରେ ଆଲୋଚନା କରନ୍ତୁ । ସେମାନଙ୍କ ସହ ନୋଟ୍‌ର ସୀମାରେ ଥିବା ଗାର ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରତ୍ୟେକ ନୋଟ୍‌ରେ ସେମାନଙ୍କ ନମ୍ବର ଭଳି ସ୍ପେସିଫିକେସନ୍ (ନିର୍ଦ୍ଦିଷ୍ଟକରଣ) ବିଷୟରେ ଆଲୋଚନା କରନ୍ତୁ ।



ତନୁର ଜେଜେମାଆ ତାକୁ କିଛି ପୁରୁଣା ମୁଦ୍ରା ଦେଖାଇଲେ ଯାହା ସେ ପୂର୍ବରୁ କେବେ ଦେଖି ନଥିଲା । ଆସ, ଏହି ମୁଦ୍ରାଗୁଡ଼ିକ ବିଷୟରେ ଆଲୋଚନା କରିବା ।




୨୫ ପଇସା




୫୦ ପଇସା




୧୦ ପଇସା




୨୦ ପଇସା

ତାଙ୍କ ଜେଜେମାଆ ୧ ଟଙ୍କା ପାଇଁ ୫୦ ପଇସାର ୨ଟି ମୁଦ୍ରା ଦେଇଥିଲେ ।




୫୦ ପଇସା

\+




୫୦ ପଇସା

=



ଟ. ୧

୧୦୦ ପଇସା = ୧ ଟଙ୍କା

**୧. କେତୋଟି ୨୫ ପଇସାରେ ୧ ଟଙ୍କା ହେବ ? ତଳେ ଥିବା ଖାଲି କୋଠରିରେ ମୁଦ୍ରାର ଚିତ୍ର ଅଙ୍କନ କର ।**

= ୧ ଟଙ୍କା କିମ୍ବା
୧୦୦ ପଇସା

**୨. କେତୋଟି ୨୦ ପଇସାରେ ୧ ଟଙ୍କା ହେବ ?**





## ବେଲୁନ୍ ଫୁଟାଅ

ସୋମୁ ଏକ 'ବେଲୁନ୍ ଫୁଟା' ଖେଳକୁ ଆସିଥାଏ । ସେ ୧୦ଟଙ୍କା ଦେଇ ୩ ଥର ବେଲୁନ ଫୁଟାଇବାର ସୁଯୋଗ ପାଇବ । ଆସ ଦେଖିବା ସୋମୁ କେତେ ଟଙ୍କା ଜିତିଛି ।




**୧. ଯଦି ସୋମୁ ନିମ୍ନରେ ଦର୍ଶାଯାଇଥିବା ବେଲୁନଗୁଡ଼ିକୁ ଫୁଟାଏ ତେବେ ସେ କେତେ ଟଙ୍କା ପାଇବ ?**

| | |
|---|---|
|  | ୩ ଟଙ୍କା |
|  | |
|  | |
|  | |

୨. ନିମ୍ନରେ ଦିଆଯାଇଥିବା ଟଙ୍କା ପାଇବା ପାଇଁ ସୋମୁ ଯେଉଁ ରଙ୍ଗର ବେଲୁନ୍‌ଗୁଡ଼ିକୁ ଫୁଟାଇବ, ସେଗୁଡ଼ିକର ଚିତ୍ର ଅଙ୍କନ କର ଓ ରଙ୍ଗ ଦିଅ ।

| | |
|---|---|
| | ଟ.୧୭ |
| | ଟ.୨୨ |
| | ଟ.୩୧ |

୩. ସର୍ବାଧିକ ପରିମାଣର ଟଙ୍କା ପାଇବା ପାଇଁ କେଉଁ ତିନୋଟି ବେଲୁନ୍ ଫୁଟାଇବା ଦରକାର ? ସେଗୁଡ଼ିକର ଚିତ୍ର ଅଙ୍କନ କର ଏବଂ ରଙ୍ଗ ଦିଅ ।

ଜିତିଥିବା ମୋଟ ଟଙ୍କାର ପରିମାଣ = ______

୪. ଯଦି ସୋମୁକୁ ଚାରିଥର ବେଲୁନ୍ ଫୁଟାଇବାକୁ ସୁଯୋଗ ଦିଆଯାଏ, ତେବେ ସେ କେଉଁ କେଉଁ ରଙ୍ଗର ବେଲୁନ୍ ଫୁଟାଇଲେ ସର୍ବାଧିକ ଟଙ୍କା ଜିତିପାରିବ ? ସେହି ବେଲୁନ୍ ଗୁଡ଼ିକର ଚିତ୍ର ଅଙ୍କନ କରି ରଙ୍ଗ ଦିଅ ।


ଜିତିଥିବା ମୋଟ ଟଙ୍କାର ପରିମାଣ = ______





## ଆସ କାମଟିକୁ କରିବା

ବିଭିନ୍ନ ଉପାୟରେ ୬୬ ଟଙ୍କା କିପରି ଦିଆଯାଇପାରିବ ଆସ ଦେଖିବା ।







ଦିଆଯାଇଥିବା ଟଙ୍କାର ପରିମାଣ ପାଇବା ପାଇଁ ବିଭିନ୍ନ ଉପାୟରେ କେଉଁ ମୁଦ୍ରାରୁ କେତୋଟି ନେବ ଲେଖି ନିମ୍ନ ସାରଣୀ ପୂରଣ କର ।

| ଟଙ୍କାର ପରିମାଣ | ଟ.୧ | ଟ.୨ | ଟ.୫ | ଟ.୧୦ | ଟ.୨୦ | ଟ.୫୦ |
|---|---|---|---|---|---|---|
| ଟ.୫୪ | — | ୨ | — | ୩ | ୧ | — |
| | | | | | | |
| | | | | | | |
| | | | | | | |
| ଟ.୮୫ | | | | | | |
| | | | | | | |
| | | | | | | |
| | | | | | | |
| | | | | | | |



# ଆସ କିଣିବା





| ଜିନିଷର ତାଲିକା | ଏହି ଜିନିଷଗୁଡ଼ିକ କିଣିବା ପାଇଁ ଟଙ୍କା ଆବଶ୍ୟକ | ତୁମ ପାଖରେ କେତେ ଟଙ୍କା ଅଛି | ଟଙ୍କା ବଳକା ଅଛି / ଅଧିକ ଟଙ୍କା ଆବଶ୍ୟକ |
|---|---|---|---|
|  | ଟ. ________ |  | ଟ. ________ |
|  | ଟ. ________ |  | ଟ. ________ |
|  | ଟ. ________ |  | ଟ. ________ |



## ଆସ କାମଟିକୁ କରିବା

|  |  |
|---|---|
| ଟ. ୧ ୮<br>+ ଟ. ୩ ୨<br>______ | ଟ. ୧ ୫<br>+ ଟ. ୨ ୭<br>______ |
| ଟ. ୪ ୮<br>+ ଟ. ୫ ୦<br>______ | ଟ. ୨ ୨<br>+ ଟ. ୩ ୫<br>______ |




୧. ଜୟନ୍ତ କଲମ ପାଇଁ ୨୫ ଟଙ୍କା ଏବଂ ଖାତା ପାଇଁ ୪୦ ଟଙ୍କା ଖର୍ଚ୍ଚ କରିଥିଲା । ସେ ମୋଟ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

୨. ମୀରା ପାଖରେ ୪୩ ଟଙ୍କା ଅଛି । କନିକା ପାଖରେ ମୀରାଠାରୁ ୧୪ ଟଙ୍କା ଅଧିକ ଅଛି । କନିକା ପାଖରେ କେତେ ଟଙ୍କା ଅଛି ?

୩. ଗୋଟିଏ ପ୍ୟାକେଟ୍ ପାଉଁରୁଟିର ଦାମ୍ ୩୦ ଟଙ୍କା ଏବଂ ଚକୋଲେଟ୍‌ର ଦାମ ୬୦ ଟଙ୍କା । ବିବେକ ଏହି ଦୁଇଟି ଜିନିଷ କିଣିବା ପାଇଁ କେତେ ଟଙ୍କା ଦରକାର କରିବ ?

୪. ଅଜୟ ପାଖରେ ୫୮ ଟଙ୍କା ଥିଲା । ସେ ବଜାରରେ ୪୮ ଟଙ୍କା ଖର୍ଚ୍ଚ କଲା । ବର୍ତ୍ତମାନ ତା' ପାଖରେ କେତେ ଟଙ୍କା ବଳକା ଅଛି ?



## ପ୍ରକଳ୍ପ କାର୍ଯ୍ୟ

ଯେତେବେଳେ ତୁମେ ପିତାମାତାଙ୍କ ସହିତ ବଜାରକୁ ଯାଇ ଜିନିଷ କିଣ, ତୁମେ କିଣିଥିବା ଜିନିଷଗୁଡ଼ିକର ଏବଂ ତୁମେ ଖର୍ଚ୍ଚ କରୁଥିବା ମୋଟ ଟଙ୍କାର ଏକ ତାଲିକା ପ୍ରସ୍ତୁତ କର ।

ଏହିପରି ପିଲାମାନଙ୍କ ପାଇଁ ଅଧିକ ପ୍ରସଙ୍ଗ ସୃଷ୍ଟି କରନ୍ତୁ ଏବଂ ପ୍ରଶ୍ନ ପଚାରନ୍ତୁ ଯେ ପିଲାମାନେ ଯୋଗ କରିବେ କି ବିୟୋଗ କରିବେ ? ଆଲୋଚନା ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ଟଙ୍କା ସଞ୍ଚୟ କରିବାର ଆଗ୍ରହ ସୃଷ୍ଟି କରନ୍ତୁ ।







# ୧୧ ତଥ୍ୟ ପରିଚାଳନା





## ଆସ କାମଟିକୁ କରିବା

**ଚିତ୍ରଟିକୁ ଦେଖ । ସାରଣୀରେ ଥିବା ଖାଲି ସ୍ଥାନଗୁଡ଼ିକ ପୂରଣ କର ।**

| ରଙ୍ଗ | ଲାଲ | ସବୁଜ | ନୀଳ | ହଳଦିଆ |
|---|---|---|---|---|
| ପିଲାମାନଙ୍କର ସଂଖ୍ୟା | | | | |

**ପିଲାମାନେ ପିନ୍ଧିଥିବା ପୋଷାକର ରଙ୍ଗକୁ ଦେଖି ଲେଖ ।**

୧. ସବୁଠାରୁ ଅଧିକ ପସନ୍ଦର ରଙ୍ଗ ହେଉଛି ____________ ।

୨. ସବୁଠାରୁ କମ୍ ପସନ୍ଦର ରଙ୍ଗ ହେଉଛି ____________ ।

୩. ହଳଦିଆ ରଙ୍ଗ ____________ ରଙ୍ଗଠାରୁ ଅଧିକ ପସନ୍ଦ ।

୪. ____________ ରଙ୍ଗ ସବୁଜ ରଙ୍ଗ ଅପେକ୍ଷା ଅଧିକ ପସନ୍ଦ କରାଯାଏ ।

୫. ____________ ରଙ୍ଗ ____________ ରଙ୍ଗ ଠାରୁ କମ୍ ପସନ୍ଦ କରାଯାଏ ।



## ବଣଭୋଜି ଦିନ



ପିଲାମାନେ ଫଳକୁ ନେଇ ଭୋଜି କରୁଛନ୍ତି । ସେମାନେ ତାଙ୍କ ପସନ୍ଦର ଫଳଗୁଡ଼ିକୁ ଖାଉଛନ୍ତି ।





### ଆସ କାମଟିକୁ କରିବା

**ଚିତ୍ରଟିକୁ ଦେଖି ସାରଣୀ ଓ ପ୍ରଶ୍ନରେ ଥିବା ଖାଲି ସ୍ଥାନଗୁଡ଼ିକ ପୂରଣ କର ।**

| ଫଳ |  |  |  |  |
|---|---|---|---|---|
| ପିଲାମାନଙ୍କର ସଂଖ୍ୟା | | | | |

୧. ଚିତ୍ରରେ କେତେ ଜଣ ପିଲା ଅଛନ୍ତି ? __________ ।

୨. ସେଓ ପସନ୍ଦ କରୁଥିବା ପିଲାମାନଙ୍କର ସଂଖ୍ୟା ହେଉଛି __________ ।

୩. ପିଲାମାନଙ୍କର ଅଧିକ ପସନ୍ଦର ଫଳ ହେଉଛି __________ ।

୪. ପିଲାମାନଙ୍କର ସବୁଠାରୁ କମ୍ ପସନ୍ଦର ଫଳ ହେଉଛି __________ ।

୫. ପିଜୁଳି ପସନ୍ଦ କରୁଥିବା ପିଲାଙ୍କ ସଂଖ୍ୟା, ସେଓ ପସନ୍ଦ କରୁଥିବା ପିଲାଙ୍କ ସଂଖ୍ୟାଠାରୁ __________ (ଅଧିକ / କମ୍ / ସମାନ) ।

୬. ସେଓ ପସନ୍ଦ କରୁଥିବା ପିଲାମାନଙ୍କର ସଂଖ୍ୟା, କଦଳୀ ପସନ୍ଦ କରୁଥିବା ପିଲାଙ୍କ ସଂଖ୍ୟାଠାରୁ __________ (ଅଧିକ / କମ୍ / ସମାନ) ।


୭. କମଳା ପସନ୍ଦ କରୁଥିବା ପିଲାଙ୍କ ସଂଖ୍ୟା, ପିଜୁଳି ପସନ୍ଦ କରୁଥିବା ପିଲାଙ୍କ ସଂଖ୍ୟାଠାରୁ __________ (ଅଧିକ / କମ୍ / ସମାନ) ।




## ଚିତ୍ର ବିଷୟରେ ଆଲୋଚନା କର ଏବଂ ସାରଣୀ ପୂରଣ କର ।




| ବିଦ୍ୟାଳୟକୁ ଆସିବା ପାଇଁ ମାଧ୍ୟମ | ଛାତ୍ରଛାତ୍ରୀଙ୍କ ସଂଖ୍ୟା |
| --- | --- |
|  | Γ |
|  | |
|  | |
|  | |
|  | |



**ବିଭିନ୍ନ ଉପାୟରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦର୍ଶାଇବା ପାଇଁ ନିମ୍ନରେ ଦିଆଯାଇଥିବା ଚାର୍ଟକୁ ଦେଖ । (ଜଣେ ଛାତ୍ରଛାତ୍ରୀ ପାଇଁ ☺ ଚିହ୍ନ ଦିଆଯାଇଛି ।)**




୧. ଅଧିକାଂଶ ଛାତ୍ରଛାତ୍ରୀ ________ରେ ବିଦ୍ୟାଳୟକୁ ଆସନ୍ତି ।

୨. ________ରେ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସନ୍ତି ।

୩. ଅଟୋରିକ୍ସାରେ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅପେକ୍ଷା ବସ୍‌ରେ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ________ (କମ୍ / ଅଧିକ) ଅଟେ ।

୪. ବାଇକ୍‌ରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ସାଇକେଲ୍‌ରେ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅପେକ୍ଷା ________ । (ଅଧିକ / କମ୍)

୫. ________ରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅପେକ୍ଷା ________ରେ ଆସୁଥିବା ଛାତ୍ରଛାତ୍ରୀ ସଂଖ୍ୟା କମ୍ ।

୬. ________ରେ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ।

୭. ________ରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ________ରେ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟାଠାରୁ ଅଧିକ ।





# ଆମେ ଖେଳୁଥିବା ବିଭିନ୍ନ ଖେଳ





## ଆସ କାମଟିକୁ କରିବା

### ଚିତ୍ରକୁ ଦେଖ ଏବଂ ସାରଣୀ ପୂରଣ କର ।

| ବିଭିନ୍ନ ଖେଳ | ଛାତ୍ରଛାତ୍ରୀ ସଂଖ୍ୟା |
|---|---|
|  | |
|  | |
|  | |
|  | |
|  | |

**ନିମ୍ନ ଚାର୍ଟରେ ଛାତ୍ରଛାତ୍ରୀ ସଂଖ୍ୟା ଦର୍ଶାଇବା ପାଇଁ (☺) ଚିହ୍ନ ବ୍ୟବହାର କର ଓ ଚାର୍ଟକୁ ପୂରଣ କର ।**




କ. ସବୁଠାରୁ ଅଧିକ ପସନ୍ଦର ଖେଳ ହେଉଛି __________ ।

ଖ. ସବୁଠାରୁ କମ୍ ପସନ୍ଦର ଖେଳ ହେଉଛି __________ ।

ଗ. ବାସ୍କେଟ୍ ଖେଳ ଠାରୁ ଅଧିକ ପସନ୍ଦ କରୁଥିବା ଖେଳ ହେଉଛି __________ ।

ଘ. __________ ଖେଳକୁ ଫୁଟ୍‌ବଲ୍ ଅପେକ୍ଷା ଅଧିକ ପସନ୍ଦ କରାଯାଏ ।



## ଆସ କାମଟିକୁ କରିବା

**୧. ତୁମେ ଶ୍ରେଣୀରେ ଆଲୋଚନା କର ଏବଂ ତୁମ ସାଙ୍ଗମାନଙ୍କୁ ସେମାନେ ସବୁଠାରୁ ଅଧିକ ପସନ୍ଦ କରୁଥିବା ପନିପରିବା ବିଷୟରେ ପଚାର । ସାରଣୀ ପୂରଣ କର ।**

| | | | | |
|---|---|---|---|---|
| ସେମାନେ ପସନ୍ଦ କରୁଥିବା ପନିପରିବା | | | | |
| ପିଲାମାନଙ୍କର ସଂଖ୍ୟା | | | | |



**୨. ସାରଣୀକୁ ପଢ଼ ଏବଂ ଖାଲି ସ୍ଥାନଗୁଡ଼ିକ ପୂରଣ କର ।**

କ. ସବୁଠାରୁ ଅଧିକ ପସନ୍ଦ କରୁଥିବା ପନିପରିବା ହେଉଛି ________ ।

ଖ. ସବୁଠାରୁ କମ୍ ପସନ୍ଦ କରୁଥିବା ପନିପରିବା ହେଉଛି ________ ।

ଗ. ________ ଠାରୁ ________ ଅଧିକ ପସନ୍ଦ ।

ଘ. ________ ଠାରୁ ________ କମ୍ ପସନ୍ଦ ।

**୩. ତୁମ ସାଙ୍ଗମାନଙ୍କୁ ସେମାନଙ୍କ ଘରେ ରହୁଥିବା ପରିବାର ସଦସ୍ୟଙ୍କ ସଂଖ୍ୟା ବିଷୟରେ ପଚାର । ନିମ୍ନରେ ଦିଆଯାଇଥିବା ସାରଣୀରେ ପ୍ରଶ୍ନର ଉତ୍ତର ଲେଖ ।**

କ. ଅଧିକାଂଶ ପରିବାରରେ ____________ଜଣ ଲୋକ ଅଛନ୍ତି ।

ଖ. ଗୋଟିଏ ପରିବାରରେ ରହୁଥିବା ଲୋକଙ୍କର ସର୍ବନିମ୍ନ ସଂଖ୍ୟା ହେଉଛି ________ ।

ଗ. ୪ ଜଣ ଲୋକ ଥିବା ପରିବାର ସଂଖ୍ୟା ________ ଅଟେ ।

ଘ. ୪ ଜଣରୁ ଅଧିକ ଲୋକ ଥିବା ପରିବାର ସଂଖ୍ୟା ________ ଅଟେ ।

| ଏକାଠି ରହୁଥିବା ଲୋକଙ୍କ ସଂଖ୍ୟା | କେତୋଟି ପରିବାର |
|---|---|
| ୧ ଲୋକ | |
| ୨ ଲୋକ | |
| ୩ ଲୋକ | |
| ୪ ଲୋକ | |
| ୫ ଲୋକ | |
| ________ | |
| ________ | |



## ପ୍ରକଳ୍ପ କାର୍ଯ୍ୟ

ପରିବାରର ସଂଖ୍ୟା ଜାଣିବା ପାଇଁ ନିକଟସ୍ଥ ଘରଗୁଡ଼ିକୁ ଯାଅ । ତଥ୍ୟ ସଂଗ୍ରହ କରି ସାରଣୀ ପୂରଣ କର ।

| **ପରିବାର ସହ ରହୁଛନ୍ତି** | ଉଭୟ ଜେଜେବାପା, ଜେଜେମାଆ | କେବଳ ଜେଜେମାଆ | କେବଳ ଜେଜେବାପା | ଜେଜେମାଆ ଓ ଜେଜେବାପା ନାହାଁନ୍ତି |
|---|---|---|---|---|
| **ପରିବାର ସଂଖ୍ୟା** | | | | |

ତୁମେ କେତୋଟି ପରିବାରକୁ ଭେଟିଛ ?

ଉଭୟ ଜେଜେବାପା ଓ ଜେଜେମାଆଙ୍କ ସହ ରହୁଥିବା ପରିବାର ସଂଖ୍ୟା । ________

କେବଳ ଜେଜେବାପା ବା ଜେଜେମାଆଙ୍କ ସହିତ କେତେ ପରିବାର ରୁହନ୍ତି ? ________

ଜେଜେବାପା/ଜେଜେମାଆଙ୍କ ବିନା କେତେ ପରିବାର ରୁହନ୍ତି ? ________


ପରିବାରକୁ ଭେଟିବା ପୂର୍ବରୁ, ପଚାରିବାକୁ ଥିବା ପ୍ରଶ୍ନଗୁଡ଼ିକ ବିଷୟରେ ତୁମେ ଶ୍ରେଣୀରେ ଆଲୋଚନା କର ।





# ଗାଣିତିକ ଧନ୍ଦା

୧. ସମାନ ଆକୃତିର ପ୍ରତ୍ୟେକ ଯୋଡ଼ିକୁ ଗାର ଟାଣି ଯୋଡ଼, ଯେପରିକି କୌଣସି ଗାର ଅନ୍ୟ ଏକ ଗାରକୁ ସ୍ପର୍ଶ କିମ୍ବା ଛେଦ କରିବ ନାହିଁ । ତେରେଛା ଗାର ବ୍ୟବହାର କର ନାହିଁ ।




୨. ଖାଲିଥିବା କୋଠରିକୁ ଉପଯୁକ୍ତ ସଂଖ୍ୟା ଦ୍ୱାରା ପୂରଣ କର ।





| | | | | | |
|---|---|---|---|---|---|
| | ୨ | + | | = | ୪ |
| | | | + | | |
| | | | ୧ | | |
| ୧ | + | ୩ | = | | |
| | | | | | |





## ୩. ଚିନ୍ତା କର ଓ ଖାଲିସ୍ଥାନ ପୂରଣ କର ।

- 

କ.  ଖ.  ଗ.  ଘ. 

- ୮ → 5

  ୯ → ____

  7 → ____





## ୪. ସଂଖ୍ୟା ଖୋଜ ।

ଗୋଟିଏ ସଂଖ୍ୟା ଭାବ ।

ତା'ର ଦୁଇଗୁଣ କର ।

ଗୁଣଫଳ ସହ ଆଠ ଯୋଗ କର ।

ପାଇଥିବା ଯୋଗଫଳକୁ ଅଧା କର ।

ସେହି ସଂଖ୍ୟାରୁ ତୁମେ ଭାବିଥିବା ସଂଖ୍ୟାକୁ ବିୟୋଗ କର ।


ତୁମେ ବିୟୋଗ କରି ପାଇଥିବା ସଂଖ୍ୟାଟି ୪ କି ?

ବର୍ତ୍ତମାନ ଏହି ଖେଳଟିକୁ ତୁମ ସାଙ୍ଗମାନଙ୍କ ସହ ଖେଳ ।






୫. ଚିତ୍ର ଦେଖ । ପିମ୍ପୁଡ଼ି ନିଜ ଘରକୁ କେଉଁ ସବୁ ଭିନ୍ନ ଉପାୟରେ ଫେରିପାରିବ ?




୬. ୧୧ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ନାମ ଖୋଜ ।

| | | | | | | | | | | |
|---|---|---|---|---|---|---|---|---|---|---|
| ଏ | ଅ | ର | ଚା | ଣା | ଚ | ଓ | ଗ | ଧ | ଲ | ଥ |
| ଗା | ବା | ଶ | କ | ଟ | ଉ | ଭୁ | ଡା | ଜ | ଈ | କୌ |
| ର | ର | ବା | ଛ | ଜ | ଦ | ପ୍ର | ଝା | ଊ | ଯ | ଢ |
| ନ୍ଧ | ଣୀ | କ୍ୱ | ଡା | ଳ | ଘ | ଊ | ର | ଷୋ | ହ | ଳ |
| ଣ | ଘ | ଷୋ | ସ | କୌ | ଅ | ଣେ | ଞ୍ଚ | ଲ | ଅ | ପ |
| ଆ | ଭ | ମ | ତ | କୋ | ଋ | ଇ | ଢ | କି | କୁ | ଯ୍ୟ |
| ଔ | ଣ | ଟ | ର | ଡି | ପ | ଶ | ଅ | ହ | ତେ | ର |
| ଠ | ପ | ଉ | ନ | ଏ | ଖ | ର | ଞ୍ଜ | ନ | ଜୀ | ସୁ |
| ଙ | ନ୍ଦ | ଡା | ଶି | ଫା | ଲ | ଯ୍ୟ | ଦି | ଶା | ଚ | ଢ଼ |
| ଶ | ର | ଯ୍ୟ | ଶି | କ୍ୱ | କ | ନ | ଐ | ଅ | ଠ | ର |


୭. ଚିତ୍ରର ପାର୍ଶ୍ୱରେ ଦିଆଯାଇଥିବା ଉପଯୁକ୍ତ ଛାଇକୁ ବାଛ ।




୮. କେଉଁସବୁ ଉପାୟରେ ବିଲେଇଟି ନିଜ ଘରକୁ ଫେରିପାରିବ ?



୯. ଯେକୌଣସି ଦୁଇଟି ଦିଆସିଲି କାଠି ବାହାର କରି ଦୁଇଟି ବର୍ଗଚିତ୍ର କର ।



**୧୦. ମୁଁ କିଏ ?**

ସାଇକେଲରେ ମୁଁ ଥାଏ
କାର ଓ ବସ୍‌ରେ ମୁଁ ଥାଏ
ମୋ ଯୋଗୁ ଚାଲଇ ସମସ୍ତ ଗାଡ଼ି
ଚେପଟା ହେଲେ ମୁଁ ନ ଗଡ଼େ ଗାଡ଼ି
କୁହ ତ ଭାବି ମୁଁ କିଏ ?
ମୋର ଆକୃତି କିପରି ଥାଏ ?

**୧୧. ମୋଟ ୩୦ ସଂଖ୍ୟା ପାଇବା ପାଇଁ ତୁମେ କେଉଁ ବଲ୍ ଗୁଡ଼ିକ ବାଛିବ ?**


◯ + ◯ + ◯ = ୩୦

| | | | |
|---|---|---|---|
| ୧ | ୪ | ୫ | ୭ |
| ୯ | ୧୧ | ୧୩ | ୧୫ |

**୧୨. କେବଳ ଗୋଟିଏ ଅଙ୍କ ବ୍ୟବହାର କରି ଦୁଇଟି ଭିନ୍ନ ଭିନ୍ନ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ଗଢ଼ ।**



## ୧୩. ଭୋକିଲା ଜିରାଫକୁ ଗଛ ନିକଟରେ ପହଞ୍ଚିବାକୁ ରାସ୍ତା ଦେଖାଅ ।



## ୧୪. ଉପରେ ଥିବା ଚିତ୍ରକୁ ଦେଖି ଉତ୍ତର ଦିଅ ।


କ. ରାସ୍ତାରେ ଜିରାଫ ପ୍ରଥମେ ଭେଟିଥିବା ପଶୁର ନାମ ଲେଖ । ______________

ଖ. ଜିରାଫ ଶେଷରେ ଭେଟିଥିବା ପଶୁର ନାମ ଲେଖ । ______________

ଗ. ତୁମେ କେବେ ତୁମ ଘରକୁ ଯିବାର ରାସ୍ତା ଭୁଲିଯାଇଛ କି ? ______________


ଘ. ଘରକୁ ଯିବାର ରାସ୍ତା ମନେ ରଖିବା ପାଇଁ ତୁମେ କ'ଣ କର ? ______________

୧୫. ତଳେ ଦିଆଯାଇଥିବା ବିନ୍ଦୁଗୁଡ଼ିକୁ ଯୋଡ଼ି କେତୋଟି ଆୟତଚିତ୍ର ତିଆରି କରାଯାଇପାରିବ ?




**ସୂଚନା :** ବର୍ଗଚିତ୍ର ମଧ୍ୟ ଏକ ଆୟତଚିତ୍ର ।

୧୬. ସଂଖ୍ୟାଗୁଡ଼ିକର ଯୋଗ ବା ବିୟୋଗ କରି ଖାଲି ସ୍ଥାନରେ ଲେଖ ।




୧୭. ଜଣେ ମେଷପାଳକର ୪ଟି ମେଣ୍ଢା ଓ ୪ଟି କୁକୁର ଅଛି । ବଗିଚାକୁ ଏପରି ଚାରି ଭାଗ କର, ଯେପରି ପ୍ରତ୍ୟେକ ଭାଗରେ ଗୋଟିଏ ଗଛ, ଗୋଟିଏ ମେଣ୍ଢା ଓ ଗୋଟିଏ କୁକୁର ରହିବ ।




୧୮. ମୁଁ କିଏ ? (ଦର୍ପଣର ସାହାଯ୍ୟ ନେଇ କର)


କ. 

ଖ. 

ଗ. 

ଘ. 

୧୯. ୧ ଠାରୁ ୭ ପର୍ଯ୍ୟନ୍ତ ସଂଖ୍ୟାକୁ ନେଇ ଏପରି ଭାବରେ ସଜାଅ ଯେପରି ତିନି ପାଖରେ ଥିବା ସଂଖ୍ୟାଗୁଡ଼ିକର ଯୋଗଫଳ ସମାନ ହେବ ।



୨୦. ୬ ମିଟର ଲମ୍ବର ଏକ କପଡ଼ା ଅଛି । ଏଥିରୁ ଥରକେ ଏକ ମିଟର କଟାଗଲେ ଏହାକୁ କେତେଥରରେ କଟାଯାଇପାରିବ ?

୨୧. ମୁଁ ଗୋଟିଏ ସଂଖ୍ୟା ଭାବିଲି ଓ ଏହାକୁ ଦୁଇଗୁଣ କଲି । ଯଦି ମୋର ଉତ୍ତର ୧୮ ହୁଏ । ତେବେ ମୁଁ ଭାବିଥିବା ସଂଖ୍ୟାଟି କେତେ ?


୨୨. କାଲକୁଲେଟର୍‌ର ବୋତାମ/ସୁଇଚ୍‌କୁ ୧୦ ଥର ଦବାଅ, ଯେପରି ଉତ୍ତରଟି ୨୮ ହେବ ।






# ଟିପ୍ପଣୀ

# ଆକୃତିଗୁଡ଼ିକୁ ଚିହ୍ନ ଓ ରଙ୍ଗ ଦିଅ ।



# ଆସ ଖେଳିବା



# ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ସମ୍ପର୍କରେ ବାର୍ତ୍ତା

- ସୁସ୍ଥ ଶରୀରରେ ସୁସ୍ଥ ମନ,
  ବଢିବ ଏକାଗ୍ରତା ଜାଣ ।
- ସ୍ୱାସ୍ଥ୍ୟ ହିଁ ସମ୍ପଦ ନ ଆସେ ବିପଦ
  ଖେଳୁ ଥାଏ ଯିଏ ଖେଳ,
  ସାହସ ଶୃଙ୍ଖଳା ଦଳୀୟ ଭାବନା
  ବଢେ ମାନସିକ ବଳ ।
- ଖେଳ ମାଧ୍ୟମରେ ପଢିଲେ ପାଠ,
  ଜୀବନ ସଂଗ୍ରାମେ ଫିଟିବ ବାଟ ।
- ସରସ ସୁନ୍ଦର ରହିବ ମନ,
  କ୍ରୀଡ଼ା ଜଗତରେ ଥିଲେ ହେଁ ଧ୍ୟାନ ।
- ନିତିଦିନ କ୍ରୀଡ଼ା ଅଭ୍ୟାସ କର,
  ଜୀବନ ହୋଇବ ଚିର ସୁନ୍ଦର ।
- ବ୍ୟାୟାମ ଦ୍ୱାରା ଶିଶୁଟି ଶରୀରକୁ ସୁସ୍ଥ ଓ
  ସୁଠାମ ରଖିପାରିଥାଏ ।
- ସବୁଦିନ ଯୋଗ କରିବା,
  ସୁସ୍ଥରେ ଆମେ ରହିବା ।

# ଦିବ୍ୟାଙ୍ଗ ପିଲାଙ୍କ ପାଇଁ ବାର୍ତ୍ତା

ଆସ ସାଙ୍ଗ ହୋଇ ପାଠ ପଢିବା,
ଆମେ ପୂରା ସକ୍ଷମ ତାହା ଜାଣିବା ।

ବ୍ରେଲ ବହି ପଢା ଅତି ସହଜ,
ବିଦ୍ୟାଳୟ ତାହା ଦେଖାଏ ବାଟ ।

## ଦିବ୍ୟାଙ୍ଗ ଛାତ୍ର ଛାତ୍ରୀମାନଙ୍କ ପାଇଁ

ଦିବ୍ୟାଙ୍ଗ ଛାତ୍ରାଛାତ୍ରୀଙ୍କୁ ସାଧାରଣ ବିଦ୍ୟାଳୟ ପରିବେଶରେ ସାମିଲ କରାଇ ସେମାନଙ୍କ ଦକ୍ଷତାର ବିକାଶ ସାଧନ ନିମନ୍ତେ ସମଗ୍ର ଶିକ୍ଷା ଅଭିଯାନ ତରଫରୁ ସହାୟକ ଉପକରଣ, ବ୍ରେଲ ବହି, ସହାୟକ ଭତ୍ତା, ଭିନ୍ନକ୍ଷମ ପ୍ରମାଣପତ୍ର, ଡାକ୍ତରୀ ପରୀକ୍ଷା, ଅସ୍ତ୍ରୋପଚାର ସୁବିଧା, ଫିଜିଓ ଥେରାପି, ବାଣୀ ବିକାଶ ତାଲିମ (Speech therapy) ଶିକ୍ଷକ ପ୍ରଶିକ୍ଷଣ, ସୃଜନଶୀଳତାର ବିକାଶ ନିମନ୍ତେ କାର୍ଯ୍ୟକ୍ରମ, ଅଭିଭାବକଙ୍କ ପ୍ରଶିକ୍ଷଣ ଏବଂ କ୍ରୀଡ଼ା ପ୍ରତିଯୋଗିତା ଆଦିର ବ୍ୟବସ୍ଥା କରାଯାଇଛି ।

## ସ୍କୁଲ ଷ୍ଟୁଡେଣ୍ଟ ହେଲ୍ପଲାଇନ

ସରକାରୀ କାର୍ଯ୍ୟ ଦିବସରେ ବିଦ୍ୟାଳୟ ସମ୍ପର୍କିତ ସମସ୍ୟା ଯଥା: ପୁସ୍ତକ, ପୋଷାକ, ମଧ୍ୟାହ୍ନ ଭୋଜନ ବଣ୍ଟନରେ ଅନିୟମିତତା, ଶ୍ରେଣୀ ଗୃହ ଅଭାବ, ଶିକ୍ଷକ ଅଭାବ, ପିଇବା ପାଣିର ଅସୁବିଧା, ଶିକ୍ଷାଦାନ ସମ୍ବନ୍ଧୀୟ ସମସ୍ୟା, ବିଦ୍ୟାଳୟ ସମୟରେ ଛାତ୍ର ଛାତ୍ରୀମାନଙ୍କ ଆକସ୍ମିକ ଦୁର୍ଘଟଣା ଆଦି ଅଭିଯୋଗ ସକାଳ ୮ ଘଟିକାରୁ ସନ୍ଧ୍ୟା ୮ ଘଟିକା ମଧ୍ୟରେ ଦେୟମୁକ୍ତ ନମ୍ବର ୧୮୦୦୩୪୫୬୭୨୨ରେ ଜଣାଇବାର ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ଚାଇଲ୍ଡ୍ ହେଲ୍ପ ଲାଇନ ୧୦୯୮ (ଦେୟମୁକ୍ତ) କୁ ଫୋନ କଲେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କୁ ତୁରନ୍ତ ମାଗଣାରେ ଉପଯୁକ୍ତ ସେବା ଯୋଗାଇ ଦେବାର ବ୍ୟବସ୍ଥା ଅଛି ।



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର